ବର୍ଷ-୨୪, ସଂଖ୍ୟା-୩୨୦
ଭୁବନେଶ୍ୱର
୨୫ ଡିସେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 320
Bhubaneswar
25 December, 2024 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ଆଜି ବଡ଼ଦିନ

## ବଦଳିଲେ ରାଜ୍ୟପାଳ



### ରଘୁବର ଦାସଙ୍କ ସ୍ଥାନନେବେ ଡଃ ହରିବାବୁ କମ୍ଭାମପତି

ନୂଆଦିଲ୍ଲୀ, ୨୪।୧୨ (ମହାଭାରତ): ଆଜି ଓଡ଼ିଶା ସମେତ ଆଉ ୪ ରାଜ୍ୟରେ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି। ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସ୍ଥାନରେ ନୂଆ ରାଜ୍ୟପାଳ ହେବେ ଡଃ ହରିବାବୁ କମ୍ଭାମପତି। ମିଜୋରାମର ରାଜ୍ୟପାଳ ଭାବେ କାର୍ଯ୍ୟରତ ଡଃ କମ୍ଭାମପତିଙ୍କୁ ଆଜି ଓଡ଼ିଶାର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି। ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ସୂଚନା ମିଳିଛି। ସେହିପରି ଜେନେରାଲ ବିଜୟ କୁମାର ସିଂହଙ୍କୁ ମିଜୋରାମ ରାଜ୍ୟପାଳ, ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ କେରଳ ରାଜ୍ୟପାଳ, ଆରିଫ ମହମ୍ମଦଙ୍କୁ ବିହାର ରାଜ୍ୟପାଳ ଏବଂ ଅଜୟ କୁମାର ଭଲ୍ଲାଙ୍କୁ ମଣିପୁର ରାଜ୍ୟପାଳ ନିଯୁକ୍ତ କରାଯାଇଛି। ଏ ନେଇ ଡଃ କମ୍ଭାମପତି କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ କାମ କରିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବ। ଓଡ଼ିଶାରେ ବଡ଼ ସୁଯୋଗ ରହିଛି। ୧୯୫୩ ମସିହା ଜୁନ୍ ୧୫ତାରିଖରେ ଆନ୍ଧ୍ରପ୍ରଦେଶର ପ୍ରକାଶମ୍ ଜିଲ୍ଲାର ଟିମାସମୁଦ୍ରମ ଗାଁରେ ଜନ୍ମିତ କମ୍ଭାମପତି ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମରେ ମାଷ୍ଟର ଡିଗ୍ରୀ ଓ କଣ୍ଟ୍ରୋଲ ସିଷ୍ଟମରେ ଡକ୍ଟରେଟ ଡିଗ୍ରୀ ହାସଲ କରିଛନ୍ତି।






'ପବିତ୍ର ବଡ଼ଦିନ' ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ରଘୁବର ଦାସ)

OIPR-15001/13/0328/2425 DADLS-70



ଓଡ଼ିଶା ସରକାର





ବଡ଼ଦିନ ଉପଲକ୍ଷେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ଦିନ ଉପଲକ୍ଷେ ରାଜ୍ୟବାସୀ ବିଶେଷ କରି ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏକ ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



DADLS-68





ମହାନ ଆତ୍ମାଙ୍କୁ ସଶ୍ରଦ୍ଧ ସମ୍ମାନ
ସୁଶାସନ ପାଇଁ ପ୍ରତିବଦ୍ଧତା

ସୁଶାସନ ଦିବସ ଅବସରରେ
ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପ୍ରଶାସନିକ ଉତ୍କର୍ଷର ସ୍ଥପତି
ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କୁ
ଓଡ଼ିଶା ସରକାରଙ୍କ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଓଡ଼ିଶା ଛୁଇଁଥିଲା ବିକାଶର ନୂଆ ଦିଗନ୍ତ । ଭୁବନେଶ୍ୱରରେ ଏମ୍ସ୍ (AIIMS) ପ୍ରତିଷ୍ଠା; ପାରାଦୀପଠାରେ ବାର୍ଷିକ ୧୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ତୈଳ ବିଶୋଧନାଗାର ପ୍ରତିଷ୍ଠା; ପୂର୍ବ ତଟ ରେଳପଥ ଡିଭିଜନ ସୃଷ୍ଟି ଏବଂ ଭୁବନେଶ୍ୱରଠାରେ ଏହାର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ସହିତ ସ୍ୱର୍ଣ୍ଣ ଚତୁର୍ଭୁଜ ସଂଯୋଗୀକରଣ ଯୋଜନାରେ ୪୦୦ କିଲୋମିଟର ସୁଦୃଶ୍ୟ ଓ ସର୍ବୋତ୍ତମ ମାନର ରାଜପଥ ନିର୍ମାଣ ଏବଂ ସଂଯୋଗ ବିହୀନ ତଥା ଅପହଞ୍ଚ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୧୮,୦୦୦ କିଲୋମିଟରରୁ ଅଧିକ ରାସ୍ତା ନିର୍ମାଣ ଓଡ଼ିଶାର ପ୍ରଗତିରେ ଗୋଟିଏ ଗୋଟିଏ ମାଇଲ ଖୁଣ୍ଟ ।

OIPR-15001/13/0331/2425
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

## ଗାଜର ଖିରି

ଗାଜରେ ପୋଟାସିୟମ୍, ଭିଟାମିନ୍ ଏ, ଭିଟାମିନ ଇ ଭଳି ପୋଷକ ତତ୍ତ୍ୱ ଭରି ରହିଥାଏ । ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ସହ ବିଭିନ୍ନ ସମସ୍ୟାରୁ ମୁକ୍ତି ଦେଇଥାଏ । ଆସନ୍ତୁ ଜାଣିବା ଗାଜରରେ ପ୍ରସ୍ତୁତ ଖିରି , ଯାହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟକର ।

ଆବଶ୍ୟକୀୟ ସାମଗ୍ରୀ: ଗାଜର ଅଧ କିଲୋ, ଗୋଟେ ଚାମଚ ଘିଅ,ଗୋଟେ ଚାମଚ ଚିନି, କିସମିସ୍ ୧୦ ଗ୍ରାମ, କାଜୁ-୧୦ ଗ୍ରାମ୍, ଗୁଜୁରାତି ୩ଟି,କ୍ଷୀର-୩କପ୍ ।

ପ୍ରଣାଳୀ: ଗାଜରକୁ ଧୋଇ କୋରି ଦିଅନ୍ତୁ। ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ପ୍ୟାନ୍ ଗରମ ହୋଇଗଲା ପରେ ଏଥିରେ ଗୋଟେ ଚାମଚ ଘିଅ ପକାନ୍ତୁ । ଘିଅ ଗରମ ହୋିଗଲା ପରେ ଏବେ ଗାଜର ପକାନ୍ତୁ । ଗାଜର ଭଲ ଭାବରେ ଭାଜି ହୋଇଗଲା ପରେ ଗ୍ୟସ୍ର ଜାଳ କମ୍ କରି ସେଥିରେ ଚିନି ପକାନ୍ତୁ । ମଝିରେ ମଝିରେ ଗାଜରକୁ ଲେଉଟାନ୍ତୁ ଫଳରେ ଗାଜର ପ୍ୟାନରେ ଲାଗିବନି ।

ଏବେ ଏଥିରେ କ୍ଷୀର ପକାଇ ଅଳ୍ପ ଜାଳରେ ଫୁଟିବାକୁ ଦିଅନ୍ତୁ । ୨୦ ମିନିଟ୍ ଯାଏଁ ଫୁଟିବାକୁ ଦିଅନ୍ତୁ । ମଝିରେ ମଝିରେ ଏହାକୁ ଘାଣ୍ଟୁଥିବେ । ଯେମିତି ପ୍ୟାନରେ ଲାଗିବନି। ଏବେ ଏଥିରେ ଗୁଜୁରାତି ଗୁଣ୍ଡ, କିସମିସ୍, କାଜୁ ପକାଇ । ଏବେ ପ୍ରସ୍ତୁତ ହୋଇଗଲା ଗାଜ ଖିରି । ଏହାକୁ ଆପଣ ଗରମ ଗରମ ଖାଇପାରିବେ ।



ଖବର

## 'ପୁଷ୍ପା-୨'ର ଏକ ଦୃଶ୍ୟକୁ ନେଇ ଅଲ୍ଲୁ ଅର୍ଜୁନଙ୍କ ନାମରେ ନୂଆ ଅଭିଯୋଗ



ସାଉଥ୍ ସୁପଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ ସିନେମା 'ପୁଷ୍ପା-୨'ର ପ୍ରିମିୟର୍ ସୋ'ରେ ଦଳଚକଟାରେ ଡିସେମ୍ବର ୪ ତାରିଖ ଦିନ ଜଣେ ୩୫ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟଣା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୀଡ଼ିତା ରେବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପୁଅ ଏବେ ବି ଚିକିତ୍ସାଧୀନ ଅବସ୍ଥାରେ ହସ୍ପିଟାଲ୍ରେ ଅଛନ୍ତି। ତେବେ ନିକଟରେ ଏହି ସିନେମାକୁ ନେଇ ଏକ ନୂଆ ଅଭିଯୋଗ ଆସିଛି। ବରିଷ୍ଠ କଂଗ୍ରେସ ନେତା ତଥା ତେଲେଙ୍ଗାନା ଏମ୍ଏଲ୍ସି ଟିନ୍ନର୍ ମଲାନା ଚଳଚ୍ଚିତ୍ରର ଏକ ଦୃଶ୍ୟକୁ ନେଇ ଆପତ୍ତି ଜାହିର କରିଛନ୍ତି।

ଦୃଶ୍ୟରେ ଅଲ୍ଲୁ ଅର୍ଜୁନ ପୁଲିସ୍ ଅଧିକାରୀଙ୍କ ଉପସ୍ଥିତିରେ ଏକ 'ସୁଇମିଂ ପୁଲ୍'ରେ ପରିସ୍ରା କରୁଥିବାର ଦେଖିବାକୁ ମିଳିଛି। କଂଗ୍ରେସ ନେତା ଏହି ଦୃଶ୍ୟକୁ ଅସମ୍ମାନଜନକ କହିବା ସହ ଏହା ଆଇନ ଶୃଙ୍ଖଳା ଅଧିକାରୀଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରୁଛି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ନେତା ଏକ ମାମଲା ରୁଜୁ କରିବା ସହ ଅଲ୍ଲୁ ଅର୍ଜୁନଙ୍କ ସମେତ ସିନେମାର ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ବିରୋଧରେ ଦୃ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦଳାଚକଟାରେ ମହିଳା ମୃତ୍ୟୁ ମାମଲାରେ ଡିସେମ୍ବର ୧୩ ତାରିଖରେ ପୁଲିସ୍ ଅଭିନେତାଙ୍କୁ ଗିରଫ କରିଥିଲା। ତେଲେଙ୍ଗାନା ହାଇକୋର୍ଟ ଅଲ୍ଲୁ ଅର୍ଜୁନଙ୍କୁ ଚାରି ସପ୍ତାହ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିବା ପରେ ସେ ଜେଲରୁ ମୁକୁଳିଛନ୍ତି।

## ସତ୍ୟନାରାୟଣଙ୍କ ପୂଜାର୍ଚ୍ଚନା



ସନାତନ ଧର୍ମ ପରମ୍ପରାରେ ଭଗବାନ ବିଷ୍ଣୁଙ୍କ ସତ୍ୟ ସ୍ୱରୂପକୁ ପୂଜା କରିବାର ବିଧି ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପାଳିତ ହୋଇଥାଏ । ଭିନ୍ନ ଭିନ୍ନ ରୂପରେ ଭଗବାନଙ୍କ ପୂଜା କରାଯାଇଥାଏ । ତେବେ ସତ୍ୟନାରାୟଣ ବ୍ରତ ମାଧ୍ୟମରେ ପ୍ରଭୁ ସତ୍ୟନାରାୟଣଙ୍କୁ ପୂଜା କରାଯାଇଥାଏ । ସ୍କନ୍ଧ ପୁରାଣରେ ସତ୍ୟନାରାୟଣ ବ୍ରତ କଥା ବର୍ଣ୍ଣିତ । ମୂଳତଃ ଏହି କଥା ୧୭୦ଟି ଶ୍ଳୋକ ମାଧ୍ୟମରେ ବର୍ଣ୍ଣିତ । ଏହାର ଦୁଇଟି ପ୍ରମୁଖ ବିଷୟ ରହିଛି ।

ସତ୍ୟ ପାଳନ ସମୟରେ ଅନେକ ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପାଳନ ନିମନ୍ତେ ସମ୍ପୂର୍ଣ୍ଣ ନିଷ୍ଠା ଏବଂ ମାନସିକ ଦୃଢ଼ତାର ଆବଶ୍ୟକତା ରହିଛି । କିନ୍ତୁ ସତ୍ୟ ପାଳନ ସମୟରେ କର୍ତ୍ତବ୍ୟରୁ ବିଚ୍ୟୁତ ହେଲେ ଭଗବାନଙ୍କ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିଥାଏ । ସତ୍ୟ ପ୍ରତିଷ୍ଠା ନିମନ୍ତେ ପୁରାଣରେ ସତ୍ୟନାରାୟଣ ବ୍ରତକୁ ସର୍ବଶ୍ରେଷ୍ଠ ବ୍ରତ ଭାବେ ବର୍ଣ୍ଣନା କରାଯାଇଛି । ପୂର୍ଣ୍ଣିମା ଏବଂ ବିଶେଷ ଶୁଭ ମୁହୂର୍ତ୍ତରେ ଭଗବାନ ସତ୍ୟନାରାୟଣଙ୍କ କଥା ଶ୍ରବଣ କରି ମନୁଷ୍ୟ ମାନସିକ ଏବଂ ଶାରୀରିକ ଭାବେ ପବିତ୍ର ହୋଇପାରିବ ।

## ଉଚ୍ଚ ରକ୍ତଚାପକୁ ରୋକିବ ଗଜାମୁଗ

ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି । ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ । ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ । ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ ।



୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ । ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ । ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ । ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି । ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର ।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ ।

## ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ



କୃଷ୍ଣଙ୍କ ବାଲ୍ୟକାଳ ଅନେକ ଲୀଳା ବିଷୟରେ ଶୁଣିବାକୁ ଓ ପଢ଼ିବାକୁ ମିଳିଥାଏ। ଯାହାକୁ ପଢ଼ି କିମ୍ବା ଶୁଣି କେହି ବି ଭାବବିଭୋର ହୋଇଯିବେ। ଏହା ତାଙ୍କର ଯାଦୁ ହିଁ ଥିଲା। ତାଙ୍କର ଦୁଷ୍ଟାମୀକୁ ଦେଖିବା ଏବଂ ପୁଣି ତାଙ୍କୁ କ୍ଷମା କରିବାକୁ ଲୋକ ବ୍ୟାକୁଳ ରହୁଥିଲେ। ଯଦି ଆପଣ କୃଷ୍ଣଙ୍କ ବାଲ୍ୟଭୂମି ଗୋକୁଳ ନଗରୀ ବିଷୟରେ ଜାଣିବାକୁ ଚାହାନ୍ତି, ତେବେ ଆପଣଙ୍କୁ ନିଜ ଭିତରେ ଏକ ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିବାକୁ ହେବ। ଅଦ୍ଭୁତ ଥିଲା କୃଷ୍ଣଙ୍କର ବାଲ୍ୟଜୀବନ- ତାଙ୍କର ମନମୋହକ ଚେହେରା, ଅନୁପମ ହସ, ବଂଶୀ ଓ ତାଙ୍କ ନୃତ୍ୟ ଏପରି ଥିଲା ଲୋକମାନେ ଆନନ୍ଦରେ ବୁଡିଯାଉଥିଲେ। ଏହା ଏପରି ଆନନ୍ଦ ଥିଲା, ଯାହାକୁ ସେମାନେ ପୂର୍ବରୁ କେବେ ଜାଣିନଥିଲେ। ସେ ସମ୍ପର୍କକୁ ଏତେ ନିବିଡ କରିଦେଉଥିଲେ ଯେ, ଲୋକ ତାଙ୍କପାଇଁ ପାଗଳ ହେଇଯାଉଥିଲେ। କୃଷ୍ଣଙ୍କ ବାଲ୍ୟକାଳ ଅନେକ କିଛି କୁହାଯାଇଛି ଏବଂ ଲେଖାଯାଇଛି। ତାଙ୍କ ଉପରେ ଅସଂଖ୍ୟ ଗୀତ ମଧ୍ୟ ଲେଖାଯାଇଛି। ଏହି କଥା ପାଖାପାଖି ୩୫୦୦ ବର୍ଷ ପୁରୁଣା, ଯାହା ଏପରି ଲାଗୁଛି ଯେମିତି ଏହା କାଲିର ଘଟଣା। ଗାଈ ଚରାଇବା ଏବଂ ଉପରେ ଶିକା ମାଠିଆ ତାଙ୍କ ବାଲ୍ୟକାଳ ସହ ଯୋଡ଼ିହୋଇରହିଛି। ଏହା ସବୁ ଗ୍ରାମୀଣ ସଂସ୍କୃତିରେ ମହତ୍ୱପୂର୍ଣ୍ଣ ଅଂଶ ରହିଛି। ଆଜି ମଧ୍ୟ ଭାରତର ଗ୍ରାମୀଣ ଗାଁଗୁଡ଼ିକରେ ଦହି ଓ ଲହୁଣି ଉଚ୍ଚ ଶିକାରେ ମାଠିଆରେ ରଖାଯାଇଥାଏ। ଯାହାକି ପଶୁ ଓ ପିଲାଙ୍କ ଠାରୁ ଦୂରେଇ ରଖାଯାଇଥାଏ। କିନ୍ତୁ କୃଷ୍ଣ ବଡ଼ ଖୁସିରେ କହୁଥିଲେ ମୁଁ ଲବଣି ଚୋରି କରିଛି। ଯଦି ମୁଁ ଲବଣୀ ଚୋରି ନ କରିବି, ତେବେ ଗାଁ ଲୋକଙ୍କୁ ଆନନ୍ଦ ଆସିବ ନାହିଁ। କୃଷ୍ଣ ଏବଂ ତାଙ୍କ ମିତ୍ର ଲୋକଙ୍କ ଛପର ଖୋଲି ଘରେ ପଶିଯାଉଥିଲେ। ମାଠିଆ ଉଚ୍ଚରେ ଟଙ୍ଗା ଯାଇଥିବା କାରଣରୁ ଜଣେ ଆରଜଣଙ୍କ କାନ୍ଧରେ ଚଢ଼ି ଲବଣି ଚୋରି କରୁଥିଲେ। ଯଦି ମାଠିଆ ବହୁ ଉଚ୍ଚରେ ରହୁଥିଲ. ତେବେ ସେମାନେ ପଥର ମାରି କଣା କରିଦେଉଥିଲେ। ଏହାଦ୍ୱାରା ଦହି କିମ୍ବା ଲବଣି ବୋହୁଥିଲା ଏବଂ ସେମାନେ ତଳେ ପାଟିଖୋଲି ଠିଆହେଇଯାଉଥିଲେ। ବେଳେବେଳେ ମାଠିଆ ପୂରା ଭାଙ୍ଗିଯାଉଥିଲା ଏବଂ ଭୂମିରୁ ଉଠାଇ ସେମାନେ ଖାଇବା ଆରମ୍ଭ କରିଦେଉଥିଲେ। ସେମାନେ ଏହି ଦହି ଓ ଲବଣିକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ। ଏହି କଥାକୁ ନେଇ କିଛି ମହିଳା ଅସନ୍ତୁଷ୍ଟ ଥିଲେ ତ ଆଉ କିଛି କ୍ରୋଧିତ ହୋଇଯାଉଥିଲେ। କାରଣ ଲବଣି ତାଙ୍କର ଜୀବିକା ଥିଲା। ସେମାନେ ଲଗାତାର କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରୁଥିଲେ। କୃଷ୍ଣଙ୍କ ମାତାଙ୍କୁ ଅଭିଯୋଗ କରିବା ପାଇଁ ପହଞ୍ଚିବା ସମୟରେ ସେ ନିଜ ମାତାଙ୍କ ପଛରେ ଲୁଚିଯାଉଥିଲେ। ଗୋପୀମାନଙ୍କୁ ନିରୀହ ନଜରରେ ଚାହୁଁଥିଲେ। ଯାହାଫଳରେ ସମସ୍ତ ଗୋପୀ ହସିଦେଉଥିଲେ।

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ

ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ



ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି । ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ। ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

# କୃଷକ ଆନ୍ଦୋଳନ

କୃଷକ ଆନ୍ଦୋଳନ ପାଇଁ ଅନେକ ସମୟରେ ରାଜଧାନୀ ଦିଲ୍ଲୀ ଅବରୁଦ୍ଧ ହୋଇଛି ଏବଂ ଲୋକେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଆନ୍ଦୋଳନ ନାମରେ ଦିଲ୍ଲୀରେ ଅନେକ ସମୟରେ ଅରାଜକତା ସୃଷ୍ଟି ହୋଇଛି। ସରକାର ଧୈର୍ଯ୍ୟର ସହ ଏହାକୁ ବରଦାସ୍ତ କରିଛନ୍ତି। ଆନ୍ଦୋଳନକାରୀ କୃଷକଙ୍କ ବିରୋଧରେ ସର୍ବନିମ୍ନ ବଳ ପ୍ରୟୋଗ କରାଯାଇଛି। କିନ୍ତୁ କୃଷକ ଆନ୍ଦୋଳନରୁ ରାଜନୈତିକ ଫାଇଦା ହାସଲ ନିମନ୍ତେ ବିରୋଧୀ ଦଳ ବରାବର ଉଦ୍ୟମ କରି ଆସୁଛନ୍ତି। ଅନେକ କୃଷକ ସଙ୍ଗଠନ ଭିନ୍ନ ଭିନ୍ନ ରାଜନୈତିକ ଦଳ ସହ ସମ୍ପୃକ୍ତ। ଅନେକ କୃଷକ ନେତା ପ୍ରତ୍ୟକ୍ଷ ବା ପରୋକ୍ଷରେ ବିଭିନ୍ନ ରାଜନୈତିକ ଦଳ ସହ ଜଡ଼ିତ। ତେଣୁ ଅନେକ ସମୟରେ କୃଷକ ଆନ୍ଦୋଳନ ଏକ ରାଜନୈତିକ ଆନ୍ଦୋଳନ ଭଳି ମନେ ହେଉଛି। ଆଉ ଯେଉଁମାନେ ରାଜଧାନୀ ଦିଲ୍ଲୀକୁ ଆସି ଧାରଣା ଦେଉଛନ୍ତି, ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଧନୀ କୃଷକ। ନିଜକୁ କୃଷକ ନେତା ଭାବେ ଦାବି କରୁଥିବା ଅନେକ ବାସ୍ତବରେ କୃଷକ ନୁହଁନ୍ତି ବା କୃଷି କାର୍ଯ୍ୟ ସହ ସେମାନଙ୍କର ସମ୍ପର୍କ ନାହିଁ। ଉଦାହରଣ ସ୍ୱରୂପ ଅତୀତରେ ଉତ୍ତର ଭାରତର ଜଣେ ଟାଣୁଆ କୃଷକ ନେତାଭାବେ ପରିଚତତ ହେଉଥିବା ମହେନ୍ଦ୍ର ସିଂହ ଟିକାୟତଙ୍କ ପୁଅ ରାକେଶ ଟିକାୟତ ଏବେ ନିଜକୁ ବଡ଼ କୃଷକ ନେତା ବୋଲି ଦାବି କରୁଛନ୍ତି। ସେ କେବେ ଚାଷ କରି ନାହାଁନ୍ତି ବା ଚାଷ କାମ ସମ୍ପର୍କରେ ତାଙ୍କର ଧାରଣା ନାହିଁ। ପୈତୃକ ସମ୍ପତ୍ତିର ଉତ୍ତରାଧିକାରୀ ଭାବେ ସେ କୃଷକ ସଙ୍ଗଠନର ନେତା ହୋଇଛନ୍ତି। ଯାହା ବି ହେଉ କୃଷକମାନଙ୍କ ଦାବି ଅନେକାଂଶରେ ଯଥାର୍ଥ ଏବଂ ଏହାକୁ ସହୃଦୟତାର ସହିତ ସରକାର ବିଚାର କରିବା ଉଚିତ। ସବୁ ଦାବି ଏକକାଳୀନ ପୂରଣ ହେବା ଅସମ୍ଭବ। କିନ୍ତୁ କୃଷକଙ୍କ ମୌଳିକ ଦାବି ପୂରଣ ଏବଂ ସମସ୍ୟା ଦୂର ପାଇଁ ସବୁ ବେଳେ ଉଦ୍ୟମ ହେବା ଉଚିତ। ପ୍ରତିବର୍ଷ କୃଷକମାନେ ନୂଆ ନୂଆ ସମସ୍ୟା ଏବଂ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ତେଣୁ କୃଷକଙ୍କ ସମସ୍ୟା ସମ୍ପର୍କରେ ସରକାର ନିୟମିତ ସମୀକ୍ଷା କରିବା ଉଚିତ। କାରଣ ଭାରତ ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। ସର୍ବାଧିକ ସଂଖ୍ୟକ ବ୍ୟକ୍ତି କୃଷି ଉପରେ ନିର୍ଭର କରି ଚଳନ୍ତି। ତେଣୁ କୃଷିକୁ ଉପେକ୍ଷା କରାଯାଇପାରିବନି। ସ୍ୱାଧୀନତା ପରେ ଭାରତର ଜନସଂଖ୍ୟା ୪ଗୁଣ ହୋଇଛି। କିନ୍ତୁ ଖାଦ୍ୟ ଉତ୍ପାଦନ ସେହି ଅନୁପାତରେ ବୃଦ୍ଧି ପାଇନି। ତା ଛଡ଼ା ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ବିଦେଶକୁ ରପ୍ତାନୀ କରାଯାଉଛି। ବଳକା ସାମଗ୍ରୀ ରପ୍ତାନୀ କଲେ ନିଅଣ୍ଟିଆ ସାମଗ୍ରୀକୁ ଆମଦାନୀ କରାଯାଇପାରିବ। କୃଷିଜାତ ସାମଗ୍ରୀର ରପ୍ତାନୀ ଦ୍ୱାରା କୃଷକମାନେ ଉପକୃତ ହେଉଛନ୍ତି। କିନ୍ତୁ ଏହା ଦ୍ୱାରା ଅନେକ ସମୟରେ ପିଆଜ, ଟମାଟୋ, ଗହମ, ଚାଉଳ ଆଦି ବିଦେଶକୁ ରପ୍ତାନୀ ହେବା ଦ୍ୱାରା ଏହାର ଦର ବୃଦ୍ଧି ପାଉଛି। ଖାଉଟୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି, କିନ୍ତୁ କୃଷକମାନେ ବିଶେଷ ଲାଭବାନ ହେଉ ନାହାଁନ୍ତି। ଏହାର ସମାଧାନ ନିମନ୍ତେ କେନ୍ଦ୍ର ସରକାର କିଛି ବର୍ଷ ତଳେ ନୂଆ କୃଷି ଆଇନ ପ୍ରଣୟନ କଲେ। କିନ୍ତୁ ପଞ୍ଜାବ ଓ ହରିୟାନାର କିଛି କୃଷକ ଏହା ବିରୋଧରେ ଆନ୍ଦୋଳନ କଲେ। ଦେଶର ୮୦ ପ୍ରତିଶତ କୃଷକ ନୂଆ କୃଷି ଆଇନକୁ ସମର୍ଥନ କରୁଥିଲେ। କିଛି ମୁଷ୍ଟିମେୟ କୃଷକ ନେତା ନିଜକୁ ଦେଶର କୃଷକମାନଙ୍କ ପ୍ରତିନିଧି ବୋଲି ଦାବି କରି ଏହା ବିରୋଧରେ ଅରାଜକତା ସୃଷ୍ଟି କଲେ। ନୂଆ କୃଷି ଆଇନ ଦ୍ୱାରା ସାଧାରଣ କୃଷକ ଫାଇଦାରେ ରହିବେ, କୃଷିକୁ ଶିଳ୍ପ ମାନ୍ୟତା ମିଳିବ ଏବଂ ଉତ୍ପାଦନ ୪ଗୁଣ ହେବ, ଏକଥା ସରକାର ଯେତେ ବୁଝାଇଲେ ମଧ୍ୟ କେହି ସେ କଥା ବୁଝିଲେ ନାହିଁ। କୃଷକ ଆନ୍ଦୋଳନ ଏଭଳି ଅରାଜକତା ସୃଷ୍ଟି କଲା ଯେ, ସରକାର ବାଧ୍ୟ ହୋଇ ଏହାକୁ ପ୍ରତ୍ୟାହାର କଲେ।

# କଳି ଝଗଡ଼ା

**॥ ଅଜୟ କୁମାର ବେହେରା ॥**

> “
> *କଳହ ଝଗଡ଼ା ସର୍ବତ୍ର ଅଛି ହେଲେ ଧର୍ମ ବିଧିରେ ରାଜବିଧିରେ ପ୍ରତ୍ୟେକର ଲଗାମ ଲଗା ଯାଉଛି। ଲୋକାଚାରରେ ଅନେକ ଝଗଡ଼ାକୁ ସମାଧାନ କରାଯାଉଛି, ପ୍ରାକୃତିକ ଦୁର୍ବିପାକ ଝଗଡ଼ା ସୃଷ୍ଟି କରିପାରେ ସମସ୍ତେ ସମୂଳ ଦୁର୍ବିପାକ ଭୋଗିନଥାନ୍ତି ଯେ ଭୋଗିଲା ତାର ଦୁଃଖରେ ଦୁର୍ବିପାକ ପରେ ପଡ଼ୋଶୀରେ ଭାୟାରେ ଆସେ, କ୍ଷୟକ୍ଷତି ଆକଳନରେ କଳି ଝଗଡ଼ା। କାହାରି ଘର ପାଖରେ ବଡ଼ଗଛ ଛାଇ କଲେ, କାହାରି ଘରୁ ଅର୍ଥେକ ପାଣି ଅନ୍ୟ ସ୍ଥାନକୁ ଯାଉଥିଲେ କାହାରି ବ୍ୟକ୍ତିଗତ ଅଧିକାର ରାସ୍ତାରେ ଅନ୍ୟଲୋକ ଜୁଲମ କରି ଯାଆସ କଲେ।*

କଥା ମୁଁ କାରର ମୂଲ୍ୟାୟନ ଜାହିରି ହିଁ ଏଇ କଳି ଝଗଡ଼ର ବୃତ୍ତିର ସଞ୍ଚିତ ଦ୍ରବ୍ୟ ଅପଚୟ ଶରୀରକୁ କଷ୍ଟ ସମୟ ବୃଥାନଷ୍ଟ ସମସ୍ତଙ୍କ ତୁଳନାରେ ହେବ କାହାର ସ୍ୱାଧୀନତାରେ ଇପସିତ ପାଇବାରେ କେହି ପ୍ରତିବନ୍ଧକ ସାଜିଲେ ପୁଣି ଅଯୋଗ୍ୟ ହୋଇ ଯୋଗ୍ୟ ସମତା ଇଛାର ବିରୁଦ୍ଧକାରୀ, ନିଜ ପରିବେଶ ସୁବରକୁ କେହି ଅସନା ଆବର୍ଜନା ନଷ୍ଟ କଲେ ଆରମ୍ଭ ହୁଏ କଳି ଝଗଡ଼ା।

ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ପାଇଁ ବୟସର ତାରତମ୍ୟ ପ୍ରତ୍ୟେକଙ୍କର କିଛି ବର୍ଷ ବ୍ୟବଧାନ ଜନ୍ମରୁ କେହି ବିବାହ କରେ ନାହିଁ। ଜ୍ଞାନ ଆହରଣ ବୃତ୍ତି ଧରିବା, ଅର୍ଜନକ୍ଷମ ହୋଇ ପୁରୁଷ ସାଥି ଖୋଜେ ବା ତାର ବିବାହ ଏପରି ସ୍ଥିତିରେ କରାଇଦିଆଯାଏ। ସ୍ତ୍ରୀଲୋକ ଗର୍ଭ ଧାରଣ କରିବ, ଯେଉଁ ପର୍ଯ୍ୟନ୍ତ ତାର ଅଙ୍ଗମାନ ବିକଶିତ ନହୋଇଛି ଏ ମଧ୍ୟରେ ଶିକ୍ଷା ଦୀକ୍ଷା ଗୃହକର୍ମ ଆଚରଣ ବ୍ୟବହାରିକ ଜ୍ଞାନରେ ଅଭ୍ୟସ୍ତ କରାଇ ତାପରେ ଯୋଗ୍ୟବର ଖୋଜି ବୃଦ୍ଧବୃଦ୍ଧ। ଇନ୍ଦ୍ରିୟ ଶୈଥିଳ ହୋଇ ଆସୁଥିବା କନ୍ୟାକୁ ପୋଷଣରେ ଭବିଷ୍ୟତକୁ ବାଧା ଉପୁଜିବା ଆଶଙ୍କା ସହିତ ସଂସାର ନିୟମ ରକ୍ଷା ପାଇଁ କନ୍ୟାକୁ ବିବାହ ଦିଅନ୍ତି।

ଧର୍ମଶାସ୍ତ୍ର ବିଧିରେ ଯେ କେହି ସ୍ୱଶ୍ରମ ଧନ ସମ୍ପତ୍ତି ଅଧିକାରରୁ ଦାନ କରିବା ନିୟମ। ଶ୍ରମ କରି ସମସ୍ତେ ବଞ୍ଚନ୍ତି ଅର୍ଥ କମାନ୍ତି ଭୋଜନ ଯୋଗାଡ଼ କରନ୍ତି, ବସ୍ତ୍ର ବଳଭୂମି ଯୋଗାଡ଼ କରନ୍ତି ଏଥିରେ ନିଜ କମାଇରେ ପୁତ୍ର କନ୍ୟା ଜନ୍ମଦେଇ ପାଳନ ପୋଷଣ କରନ୍ତି, କେହି ପାଳିତ ପୁତ୍ର କରାନ୍ତି। ଘର ଜ୍ୱାଇଁଆ ପୁଅକୁ କରାନ୍ତି କେହି ସନ୍ନ୍ୟାସୀ ଗୁରୁଙ୍କ ଯାଚାଞ୍ଚା ଓ ଧର୍ମବୃଦ୍ଧିର ଆକାଂକ୍ଷାରେ ପୁଅ ସନ୍ନ୍ୟାସୀ କରାଇ ଦିଅନ୍ତି। ଦେଶ ରକ୍ଷା ପାଇଁ ଯୁଦ୍ଧକୁ ଯିବାକୁ ପୁଅକୁ ମାଆ ପ୍ରାଣ ଆତଙ୍କ ପାଇଁ ଛାଡ଼ନ୍ତି ନାହିଁ ଏପାଇଁ ଏକ ସମସ୍ୟା ଉପୁଜିଥାଏ। ଦେଶ ରକ୍ଷା ହେବ ତେବେ କେମିତି ଏ ପାଇଁ ବାପା ମାଆଙ୍କ ସମ୍ମତି ପୁତ୍ର ବା ସମ୍ମତି ଦସ୍ତଖତ ଯୁଦ୍ଧ ଯିବା ବ୍ୟକ୍ତି ପାଇଁ ଆଗେ ଲାଗୁଥିଲା ଏବେ ସାବାଳକ ହେବାରୁ ଏହା ଗୌଣ। କିନ୍ତୁ ଉତ୍ତମ ପାଠ ପଢ଼ାରେ ମନ ନାହିଁ ତେବେ ସେ କନ୍ୟା ପିତାମାତା ଓ କନ୍ୟାକୁ ଏକ ଅଦୃଶ୍ୟ କଷ୍ଟ ଅବଶ୍ୟଗ୍ରାସ କରେ। ସରସ୍ୱତୀ ଲୋକ କଥା ଲକ୍ଷ୍ମୀଲୋକକୁ ଭବ ଶ୍ରମ ଚାକିରୀ ପାଇଁ ଯାଇପାରେ ମାତ୍ର ଅର୍ଥ ଆସିଲେ ଯୌବନ ବିକସିତ ଯୋଗୁଁ ଆକୃଷ୍ଟରେ ଲୋକ ପଡ଼ିପାରେ, ଅବସର ବିନୋଦନରେ ଯୌନ ସୁଖ ଲାଳସା ଜାଗ୍ରତ ହୋଇପାରେ ଏବି ସଂକଟରେ ପକାଏ। ବ୍ରହ୍ମଚାରୀ ଓ ବ୍ରହ୍ମଚାରୀ ବେଳରେ ଗୁପ୍ତ ପ୍ରେମ ସମ୍ବନ୍ଧ ମହାପାପରେ ପକାଏ। ଏବେ ହାଇସ୍କୁଲ ଶେଷ ବର୍ଷରୁ ଉଚ୍ଚତର ଶିକ୍ଷା କାଳରେ ଅନେକ ଯୁବକ ଯୁବତୀ ଏପରି ଗୁପ୍ତ ପ୍ରେମ ଆକୃଷ୍ଟରେ ଆସୁଛନ୍ତି। ଏହାକୁ ବହୁତ ଆଗେଭର ଯୋଗାଯୋଗ ଯନ୍ତ୍ର ମୋବାଇଲର ଫେକ ଯାହା ପୂର୍ବେ ଦୂତୀ ଆଶ୍ରୟ ଦୂତ ଆଶ୍ରୟ ପ୍ରେମପତ୍ର ଦିଆନିଆ ଦୂତୀ ବରିବାଣୀ, ମାଲୁଣୀ ଓ ସ୍ୱପରିବାରୁ ନିଜର ଟିକି ପିଲା ପୁଣି କିଛି ସାଥି ଏବେ ଏହାର ଆବଶ୍ୟକ ପଡୁନାହିଁ। ଦିନେ ହଂସଦୂତ ମେଘଦୂତ ପରି କାବ୍ୟକାରଙ୍କର ଏ ବିଷୟରେ ଚିନ୍ତା ଥିଲା ପ୍ରେମରେ ଇଙ୍ଗିତ ଅଛି। ସାର୍ବଜନୀନ ଭାଷାରୁ କିଛି ଅଲଗା ଭାଷା। ପୋଲିସ ସୈନ୍ୟ ବାଣିଜିକ ଭାଷା ଏପରି ପ୍ରେମଭାଷା ବି ଇଙ୍ଗିତ ପୂର୍ଣ୍ଣ ଭାଷା। କେବଳ ପ୍ରେମିକା ଓ ପ୍ରେମିକ ଉଭୟଙ୍କର ଇଙ୍ଗିତ ଭାଷା ବୁଝି ପାରନ୍ତି ଶିଶିଠାର ପରି ଏମିତିକା ଭାଷା ପୂର୍ବେ ବ୍ୟବହୃତ ହେଉଥିଲା ଏସବୁ ଗୁପ୍ତ ପ୍ରେମ ଝଗଡ଼ା କାଳର ଉତ୍ସ।

କଳହ ଝଗଡ଼ା ସର୍ବତ୍ର ଅଛି ହେଲେ ଧର୍ମ ବିଧିରେ ରାଜବିଧିରେ ପ୍ରତ୍ୟେକର ଲଗାମ ଲଗା ଯାଉଛି। ଲୋକାଚାରରେ ଅନେକ ଝଗଡ଼ାକୁ ସମାଧାନ କରାଯାଉଛି, ପ୍ରାକୃତିକ ଦୁର୍ବିପାକ ଝଗଡ଼ା ସୃଷ୍ଟି କରିପାରେ ସମସ୍ତେ ସମୂଳ ଦୁର୍ବିପାକ ଭୋଗିନଥାନ୍ତି ଯେ ଭୋଗିଲା ତାର ଦୁଃଖରେ ଦୁର୍ବିପାକ ପରେ ପଡ଼ୋଶୀରେ ଭାୟାରେ ଆସେ, କ୍ଷୟକ୍ଷତି ଆକଳନରେ କଳି ଝଗଡ଼ା। କାହାରି ଘର ପାଖରେ ବଡ଼ଗଛ ଛାଇ କଲେ, କାହାରି ଘରୁ ଅର୍ଥେକ ପାଣି ଅନ୍ୟ ସ୍ଥାନକୁ ଯାଉଥିଲେ କାହାରି ବ୍ୟକ୍ତିଗତ ଅଧିକାର ରାସ୍ତାରେ ଅନ୍ୟଲୋକ ଜୁଲମ କରି ଯାଆସ କଲେ। ଶାନ୍ତିପୂର୍ଣ୍ଣ ବାତାବରଣ ଥିବା ଘର ପାଖ ଲୋକଙ୍କ ଘରେ ସର୍ବଦା ଅଶାନ୍ତି ଆକ୍ରୋଶ ଉଚ୍ଚସ୍ୱରରେ କଳି ଝଗଡ଼ା, ମାରପିଟ ହେଲେ ଆରମ୍ଭ ହୁଏ ନୂଆ କଳିଝଗଡ଼ା, ଦୁଇ ପରିବାର ମଧ୍ୟରେ ଏପରିକି ଥାନା ଯାଏ ଘଟଣା ଯାଇଥାଏ।

ଉଚ୍ଚ ଢ଼ିପ ଜମି ପାଖ ଖାଲଜମିରେ ପ୍ରାୟ ଦୁଇ ଜମି ଅଧିକାର ମଧ୍ୟରେ ଚାଷ ବେଳେ ହିଡକଟିରେ ସାର ପକାଇବା ବେଳେ ଜଳ ଜମିରେ ସଞ୍ଚୟ କରିବା ଆବଶ୍ୟକ ବେଳେ କଳିର୍କେ ଉଠେ। ପୂର୍ବରୁ ଗୃହ ନିର୍ମାଣ କରି ସଠିକ ଅଧିକାରରେ କ୍ଷେତ୍ର ପରିସୀମା ବାନ୍ଧକ୍ଷି ନଥିଲେ ପର କ୍ଷେତ୍ରର ଗୃହ ନିର୍ମାତା ଜମିମାପରେ ତାଙ୍କର ପରିସୀମା କମିଥିବାରୁ କଳି ଝଗଡ଼ା ହୋଇପାରେ। ଡାକ୍ତରଖାନା ରୋଗୀର ଜଟିଳ ଅବସ୍ଥା ତାର ଅସ୍ତ୍ର ଚିକିତ୍ସା ଦରକାର ଏ କ୍ଷେତ୍ରରେ ଡାକ୍ତର ଅସ୍ତ୍ର ଚିକିତ୍ସା କରିବାରେ ଏକ ରାଜ କାନୁନ ଲାଗୁଛି। ଏ ପାଇଁ କାଳେ ଚିକିତ୍ସା କାଳରେ ବ୍ୟକ୍ତି କାଳେ ଅକାଳ ମରଣ ଘଟିପାରେ ଏ ପାଇଁ ଗାର୍ଡ଼ିଆନଙ୍କ ସମ୍ମତି ଦସ୍ତଖତ ଚିକିତ୍ସା ପାଇଁ ଡାକ୍ତରଖାନା ବା ଚିକିତ୍ସାଳୟ କର୍ତ୍ତୃପକ୍ଷ ଲେଖାଇ ନେଉଛନ୍ତି। ଏ ସବୁ ମଧ୍ୟରେ ପୁତ୍ରଦାନ ପ୍ରକ୍ରିୟା ଲୁଚିଛି। ଚିକିତ୍ସା ପାଇଁ ନାବାଳିକାର ଅବିବାହିତାର ପିତାମାତା ଅଭାବରେ ବଡ଼ଭାଇ ଭଉଣୀ ଦସ୍ତ ଦସ୍ତଖତ କରନ୍ତି ଯାହା ଚିକିତ୍ସା ପାଇଁ ସମୟିକ କନ୍ୟାକୁ ଚିକିତ୍ସା ପାଇଁ ଦାନ ଧରାଯାଇପାରିବ।

କନ୍ୟାର ପ୍ରକୃତ ଦାନ ଜୀବନରେ ଥରେ ଘଟେ। ଏବେ ଦ୍ୱିବାହ, ତ୍ରିବିବାହ କିଳା ପରି ଘଟଣା ଘଟୁଛି ଯାହା ବହୁଥର କନ୍ୟାର ଛାଡ଼ପତ୍ର ପରେ ପୁଣି ବିବାହରେ କରାଯାଉଛି। ବୃଷକୀ କନ୍ୟା ସ୍ୱ ଇଛାରେ ବର ବରଣ କରେ ହେଲେ ପରିଜନ ବାଧ୍ୟ ହୋଇ ତାକୁ ସମ୍ମତି ଦେଉଛନ୍ତି କିନ୍ତୁ ବିବାହରେ ପିତୃଶ୍ରାଦ୍ଧ ଜଡ଼ିତ ଥିବାରୁ ପିତୃତୋଷକାରୀ ପର୍ବ ଏଥିରେ ବିଘ୍ନ ବା ନିୟମରେ ଆସୁନାହିଁ। କନ୍ୟାଟି ଯୁବତୀ ହେବ ଏହା ମାସିକ ସ୍ରାବ ପ୍ରତି ମାସରେ ହେବ ଏହା ୧ମ ସ୍ରାବରୁ ୩୬ ମାସ ଅର୍ଥାତ୍ ତିନି ବର୍ଷ ଯାଏ ପିତୃପୁରୁଷ ଶ୍ରାଦ୍ଧ କନ୍ୟାର ପିତାମାତା ଠାରୁ ନେଇଥାନ୍ତି ଏହାପରେ ଶ୍ରାଦ୍ଧରେ ତର୍ପଣ ହୋଇଥାଏ। ତର୍ପଣରେ ପିତୃ ରୌରବଭବ ନର୍କରେ ପଡ଼ନ୍ତି। ରାଜକାନୁନ ୧୮ବର୍ଷ ପରେ ବିବାହ କନ୍ୟାର ହୋଇପାରିବ ନିୟମ ଲଗାଇଲେ ଫଳତଃ ପ୍ରାୟ ତିନି ବର୍ଷ ଏବେ ଛଅ ବର୍ଷ ହେଉଛି ଏ ପାଇଁ ପିତୃମାତୃ କନ୍ୟାକୁ ବିବାହ ଦେବାକୁ ଚେଷ୍ଟା ରଖିଲେ ଓ ପିତୃଶ୍ରାଦ୍ଧରେ ଠିକ ପ୍ରାୟଶ୍ଚିତ କରି କରି ଚାଲିଲେ ଦୋଷ ଗୌଣ ହୋଇପାରେ। କନ୍ୟା ବ୍ରହ୍ମଚାରିଣୀ ରହିଲେ, ବିଦ୍ୟାଧ୍ୟୟନରେ ରହିଲେ ଯେହେତୁ ସେ ସରସ୍ୱତୀ ଲୋକରେ ବ୍ରତୀ ରହିଛି ତାର ଦୋଷ ମଧ୍ୟରେ ଶାସ୍ତ୍ରରେ ଧର୍ତ୍ତବ୍ୟ ହୋଇନପାରେ। ବୁଲାକୁକୁରଙ୍କର କ୍ଷେତ୍ର ଅଛି ଏହି କ୍ଷେତ୍ରରେ ଅନ୍ୟ ବୁଲାକୁକୁର ଟିଏ ପହଞ୍ଚିଲେ ଆରମ୍ଭ ଶ୍ୱାନଶ୍ୱାନ ମଧ୍ୟରେ ତର୍କବ୍ରତୀ ଏଇ ପଶୁକଳି ଏପରି ଏବେ ବିକାରୀ କଳି, କ୍ଷେତ୍ରକଳୀ, ନେତାଙ୍କର କ୍ଷେତ୍ରକଳି ଦେଖାଯାଉଛି। ଏହାଙ୍କ କ୍ଷେତ୍ରରେ ଅନ୍ୟ କେହି ପଶିଗଲେ ହୁଏ କଳି ତର୍କ ଝଗଡ଼ା। ଯେଜମାନୀ କାର୍ଯ୍ୟରେ ଜଣେ ପୁରୋହିତଙ୍କ ଅଜଣାରେ ଅନ୍ୟ ପୁରୋହିତ ଯେଜେମାନୀ କଲେ ଝଗଡ଼ା ଦାନାବାନ୍ଧେ। ମାଲଦାର କାମାତୁର ଗ୍ରାହକ ପାଇଁ ବେଶ୍ୟା ମାନଙ୍କ ମଧ୍ୟରେ କଳି ଝଗଡ଼ା ହୁଏ। ବଣିକ ଦୋକାନରେ ବାଜାରରେ ଅନ୍ୟ ଦୋକାନରେ ସୌଦା କେହି ସଂଗ୍ରହ କରିବା ଜଣାଗଲେ ଆରମ୍ଭ ହୁଏ ଝଗଡ଼ା ଭେଡ଼ି ବସାଇବା କାହା ଦୋକାନ କାହା ଘର ଆଗରେ ବଡ଼ଯାନ ରଖିବା ଅସହ୍ୟରୁ ଝଗଡ଼ା ହୋଇଥାଏ। ଘରେ ଝଗଡ଼ା ଭାଇ ଭାଇ ସ୍ୱାମୀ ସ୍ତ୍ରୀ, ଭାଇଭଉଣୀ, ବାପୁପୁଅ, ବନ୍ଧୁରେ ବନ୍ଧୁ, ନିତ୍ୟ ଦେଖାଯାଉଛି। ଯଦି ଉଚିତ ଧର୍ମଜ୍ଞାନ ଓ ନ୍ୟାୟଜ୍ଞାନ କାହାର ରହିବ ଏସବୁ ସଂକୁଚିତ ହୋଇ ଶାନ୍ତି ସହାବସ୍ଥାନ ହୋଇପାରିବ।


ବରେଣ୍ୟ ବାଣୀ’ ପିସି ସରକାର ଲେନ, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩


# ପଲ୍ଲୀ ପରିବେଶ

**॥ ବିଚିତ୍ରା ନନ୍ଦ ପ୍ରଧାନ ॥**

ପଲ୍ଲୀବହୁଳ ଉତ୍କଳର ପଲ୍ଲୀ ପରିବେଶ ନିସର୍ଗ ଲକ୍ଷ୍ମୀଙ୍କର ପ୍ରମୋଦ ଉଦ୍ୟାନ । ପ୍ରକୃତି ରାଣୀ ନବ ଭୂଷଣରେ ଅଳଙ୍କୃତା ହୋଇ ଉତ୍କଳ ପିଠରେ ବିହାର କରନ୍ତି । ଦିଗନ୍ତ ବିସ୍ତାରୀ ସବୁଜ ଶଷ୍ୟ କ୍ଷେତ୍ର, ତରଙ୍ଗ ଶୋଭିତ ନଦନଦୀ, ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବୀ ପର୍ବତ ମାଳା ଓ ବିହଙ୍ଗ ଶୋଭିତ ହ୍ରଦ ଉତ୍କଳର ପଲ୍ଲୀ ପରିବେଶକୁ ଅତ୍ୟନ୍ତ ମନୋରମ କରିଥାଏ । ଏଣୁ ଉତ୍କଳ ଭୂମି ପ୍ରାକୃତିକ ସୁଷମାର ଗନ୍ତାଘର ଅଟେ । ଗ୍ରୀଷ୍ମ କାଳୀନ ରୌଦ୍ରତାପକ୍ଲିଷ୍ଟ ଧରାବକ୍ଷରେ ଆଦ୍ୟ ବାରିପାତ ଯେଉଁଭଳି ମନ ମୁଗ୍ଧକର, ସେହିଭଳି ମାଙ୍ଗଳିକ । ବର୍ଷାକାଳୀନ ମେଘ ମେଦୁର ନଭସ୍ଥଳକୁ ଲକ୍ଷ୍ୟକରି ଭକ୍ତ କବି ମଧୁସୂଦନ ରାଓ ଲେଖିଛନ୍ତି – “ଆସଇ ବର୍ଷାକାଳ ନିଦାଘ ଶେଷେ, ଘୋଟଇ ମେଘମାଳା ଆକାଶ ଦେଶେ ।” ରୁଦ୍ର ବୈଶାଖର ଅଗ୍ନିବର୍ଷଣ ପରେ ଆଦ୍ୟ ଆଷାଢର ମେଘ ମୁକୁଟ ମଣ୍ଡିତ ଗିରିଶୀର୍ଷ ଅବଲୋକନ କଲେ ଆନନ୍ଦରେ ମନ ଉତ୍‌ଫୁଲିତ ହୁଏ । କର୍ମ ମୁଖର ହୋଇ ଉଠେ କୃଷି ପ୍ରଧାନ ପଲ୍ଲୀ ଭୂମି । ପ୍ରକୃତି ବକ୍ଷରେ ପଲ୍ଲୀ ଜୀବନର ପ୍ରବାହକର୍ମ-କଲ୍ଲୋଳରେ ଉଦ୍‌ବେଳିତ ହୁଏ । ଭରା ମୌସୁମୀ ଆଗମନ ଉପରେ ଭରଷା ରଖି ପଲ୍ଲୀର କୃଷକ ଭୂମି କର୍ଷଣ କରେ । କିନ୍ତୁ ଆମ ରାଜ୍ୟରେ ମୌସୁମୀର ପ୍ରବାହ ଚୀର ଅନିଶ୍ଚିତ । ବର୍ଷେ ବର୍ଷେ ଏହାର ପ୍ରବାହ ଅପ୍ରତ୍ୟାସିତ ମଳ । କେବେ କେବେ ସେ ଜଳଦାନରେ କୃପଣାତ କେବେ କେବେ ମୁକ୍ତହସ୍ତା । ଆଷାଢ ମାସ ତାରୁଣ୍ୟ ଅତିକ୍ରମ କରେ, ପୌଢ ହୁଏ । ଆଷାଢ ଆକାଶରେ ବର୍ଷାର ସତ୍ତା ନାହିଁ । କେଦାରେ କେଦାରେ ସ୍ୱହସ୍ତ ରୋପିତ ଛୋଟ ଧାନ ଗଛକୁ ଚାହିଁ କୃଷକର ଚକ୍ଷୁ ବାଷ୍ପାକୂଳ ହୋଇଉଠେ । ପୃଥିବୀ ଶୁଷ୍କ, ଆକାଶ ଶୁଷ୍କ, କୃଷକର ପ୍ରାଣ ମଧ ଶୁଷ୍କ । ଏ ଯୁଗରେ ନାହିଁ ସ୍ୱର୍ଗରୁ ଗଙ୍ଗା ଝରାଇଥିବା ଭାଗିରଥଙ୍କର ତପ, ନାହିଁ ମୋଗଲ ଜେମାଙ୍କର ମେଘ ମହ୍ଲାର । ମୌସୁମୀ ଆସିବାର ବିଳମ୍ବ ଦେଖି କୃଷକ କନ୍ୟାର ମନ ବୀଣାରେ ବାଜି ଉଠେ ମହ୍ଲାର ରାଗିଣୀ । ପିତାମାତାଙ୍କ ମନର ବିଷାଦ ଭାବ ଦେଖି ପଲ୍ଲୀ ବାଳିକାର କୋମଳ ପ୍ରାଣ କୋହରେ ଭରି ଉଠେ । ମୌସୁମୀ ପ୍ରବାହିତ ହୁଏ ଶୂନ୍ୟ ମଣ୍ଡଳକୁ ଆଚ୍ଛନ୍ନ କରି । ସୂର୍ଯ୍ୟ ନିଷ୍ପ୍ରଭ ହୁଅନ୍ତି । ଆକାଶରେ ଦେଖାଦିଅନ୍ତି ଅଗଣିତ ମେଘମାଳା । ଦିଗ୍‌ବଳୟ ଧରି ଆକାଶରେ ମେଘଅନ୍ଧାର ମାଡିଆସେ । ମେଘର ମନ୍ଦ୍ରଧ୍ୱନୀ ଓ ଘଡଘଡି ଶବ୍ଦରେ ତ୍ରିଭୂବନ କମ୍ପି ଉଠେ । ଚାହୁଁ ଚାହୁଁ ବାରିଧାରା ଆକାଶରୁ ଭୂପୃଷ୍ଟକୁ ଅଜାଡି ହୋଇପଡେ । ପଲ୍ଲୀ କୃଷକର ଚକ୍ଷୁରେ ଖେଳିଯାଏ ଚମକ, ପ୍ରାଣ ପୁଲକିତ ହୁଏ । ସ୍ୱହସ୍ତ ରୋପିତ ଶସ୍ୟବୀଜ ଗୁଡିକୁ ଦେଖି ଆନନ୍ଦରେ ବିଭୋର ହୋଇଯାଏ କୃଷକ । ନିଜ ସୃଷ୍ଟିରେ ନିଜେ ଆତ୍ମହରା ହୋଇଯାଏ । କୃଷକ ମୁଖରେ ଆନନ୍ଦର ଜୁଆର ଦେଖି, ଆକାଶ ବକ୍ଷରେ ଭାସି ବୁଲୁଥିବା ଧୂସର ବର୍ଣ୍ଣର ବାଦଲ ସବୁ ରଙ୍ଗିନ୍ ହୋଇ ଉଠନ୍ତି ।

ବେଳେ ବେଳେ ଝିପି ଝିପି ବର୍ଷା ଆକାଶରୁ ଭୂପୃଷ୍ଟକୁ ବିଛାଇ ହୋଇ ପଡୁଥାଏ, ମନେହୁଏ, ଆକାଶରୁ ପୃଷ୍ପ ବୃଷ୍ଟି ହେଉଅଛି । ବର୍ଷାରେ ପଲ୍ଲୀର ରାସ୍ତା କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । କେଉଁଠି କାଦୁଅରେ ଗୋଡ ଆଣ୍ଠୁଯାଏ ଗଳିପଡେ । ବନ୍ଧ ଭାଙ୍ଗି ଠାଏ ଠାଏ ବର୍ଷା ପାଣିର ସୁଅ ଚାଲିଥାଏ । ଧାରା ଶ୍ରାବଣର ମୁଷଳଧାରା ବର୍ଷାରେ କୃଷକ ମୁଣ୍ଡରେ ପଖିଆ ଦେଇ ମନ ଆନନ୍ଦରେ ବେଉଷଣ କରିବାକୁ ଯାଏ । ବର୍ଷା ତା’ର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ ନାହିଁ । ବର୍ଷା ଛାଡିଯାଏ । ମେଘର ପର୍ଦ୍ଦାଟେକି ସୂର୍ଯ୍ୟଦେବ ଉଙ୍କିମାରନ୍ତି । ଧୂସର ଆକାଶରେ ସୂର୍ଯ୍ୟାଲୋକ ପ୍ରତିଫଳନ ହୋଇ ସାତ ରଙ୍ଗର ଇନ୍ଦ୍ରଧନୁ ଦୃଶ୍ୟମାନ ହୁଏ । ପଲ୍ଲୀର ପିଲାମାନେ ଇନ୍ଦ୍ରଧନୁ ଦେଖି ଆନନ୍ଦ ଅନୁଭବ କରନ୍ତି । ପଲ୍ଲୀର କୃଷକ ଚାଳ ଘରେ ପରିବାର ସହ ରହିଥାଏ । ପ୍ରବଳ ବର୍ଷା ଓ ପବନରେ ଘରର ଚାଳ ଉଲୁରୀ ପଡି ଘର ଭିତରେ ବର୍ଷା ପାଣି ଲହଡି ମାରୁଥାଏ । କାନ୍ଥରୁ ପୁଳାକୁ ପୁଳା ମାଟି ଖସି ପଡିଥାଏ । କୃଷକ ଏଥିପାଇଁ ଚିନ୍ତିତ ନହୋଇ ଘରକୁ ଯଥା ସମ୍ଭବ ସଜାଡିବା ପାଇଁ ଲାଗିପଡେ । ଏହି ଋତୁରେ ପଲ୍ଲୀଭୂମି ହରିତ ଦୁର୍ବାଦଳ ମଣ୍ଡିତ ହୋଇ, ସବୁଜ ବସ୍ତ୍ର ପରିଧାନ କଲାଭଳି ଦେଖାଯାଏ । ବୃକ୍ଷଲତା ଶ୍ୟାମଳ ପତ୍ର ସମ୍ଭାରରେ ଭୂଷିତ ହୋଇ ଅପୂର୍ବଶ୍ରୀ ଧାରଣ କରିଥାନ୍ତି । କଖାରୁ, ପାଣିକଖାରୁ ଓ ପୋଇ ଡଙ୍କ ଘରର ଚାଳ ଉପରକୁ ମାଡିଯାଏ । କିଆ, କେତକୀ, କଇଁ, ଯୁଇ, ଜାଇ, ମଲ୍ଲୀ, ମାଧବୀ, ମାଳତୀ, କଦମ୍ବ, ଚମ୍ପା, ଗୋଲାପ, ନିଆଳୀ ଓ ସେବତୀ ଆଦି ଫୁଲ ଫୁଟି ପଲ୍ଲୀ ଭୂମିକୁ ସୁଶୋଭିତ କରିଥାନ୍ତି ।

ବର୍ଷା ଋତୁରେ ରାସ୍ତାମାନ କର୍ଦ୍ଦମାକ୍ତ ହୋଇ ଖସଡା ହୋଇଥାଏ । ଛାତ୍ରଛାତ୍ରୀ ମାନେ ଏହି ଖସଡା ରାସ୍ତାରେ ସ୍କୁଲକୁ ପାଠ ପଢିବାକୁ ଯାଇଥାନ୍ତି । ବର୍ଷା ଜଳରେ ତିନ୍ତିବା, ଶିଶୁ ସୁଲଭ ମଧୁର କଣ୍ଠରେ ଗୀତ ଗାଇବା ଦୃଶ୍ୟ ବାସ୍ତବିକ ବର୍ଷା କାଳୀନ ପଲ୍ଲୀ ଜୀବନରେ ଆନନ୍ଦ ଆଣି ଦେଇଥାଏ । ଉତ୍କଳର ପୁର ପଲ୍ଲୀରେ ନାନାବିଧ ପର୍ବପର୍ବାଣୀ ପାଳନର ବିଧି ଥିବାରୁ ବର୍ଷାକାଳୀନ ପଲ୍ଲୀଜୀବନ ଉତ୍ସବ ମୁଖରିତ ହୋଇଉଠେ । ରାକ୍ଷୀ ପୂର୍ଣ୍ଣିମା, ରଥଯାତ୍ରା ଓ ଚିତାଲାଗି ଅମାବାସ୍ୟା ଏହି ଋତୁରେ ପାଳନ କରାଯାଏ । ବିଶ୍ୱପ୍ରସିଦ୍ଧ ରଥ ଯାତ୍ରା ଓ ବାହୁଡା ଯାତ୍ରା ଶ୍ରୀକ୍ଷେତ୍ର ଧାମ ପୁରୀରେ ପାଳନ କରାଯାଏ । ହଜାର ହଜାର ଭକ୍ତ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରାଙ୍କୁ ବଡଦାଣ୍ଡରେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରନ୍ତି । ପ୍ରବଳ ବର୍ଷା ହେବାରୁ ନଈରେ ପାଣି ପଡି, ନଈ ଏ କୂଳ ସେ କୂଳ ଖାଉଥାଏ । ଧାରା ଶ୍ରାବଣରେ ଧ୍ୱଂସର ଅଟ୍ଟହାସ୍ୟ କରି ନଦୀ ମାନଙ୍କରେ ପ୍ରଳୟଙ୍କରୀ ବନ୍ୟା ମାଡିଆସେ । ନଦୀର ବକ୍ଷ ଫୁଲି ସୁଅରେ ଭାସି ଆସେ ଉପୁଡିଥିବା ବଡ ବଡ ବୃକ୍ଷ । ବନ୍ଧ ଉପରେ ଦଣ୍ଡାୟମାନ ହୋଇ ଆବାଳ ବୃଦ୍ଧ ବନିତା ନଦୀର କରାଳ ରୂପ ଦେଖି ଆତଙ୍କିତ ହେଉଥାନ୍ତି । ନଦୀର ପାଣି ବଢି ବନ୍ଧରେ ଘାଇ ସୃଷ୍ଟି କରେ । ସହସ୍ର ସହସ୍ର ପଲ୍ଲୀ ବନ୍ୟା ପାଣିରେ ଚିଲିକାମୟ ହୋଇଯାଏ । ପଲ୍ଲୀର କୃଷକ ନଦୀବନ୍ଧରେ ଠିଆ ହୋଇ ଲୋତକପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଥାଏ ତା’ର ବନ୍ୟାଜଳରେ ବୁଡି ଯାଇଥିବା ଚାଳଘର ଓ ଚାଷଜମିକୁ । ବନ୍ୟାକ୍ଲିଷ୍ଟ ଜନତାର ଆକୁଳ କ୍ରନ୍ଦନ ଓ କ୍ଷୟକ୍ଷତିର ଦାରୁଣ ଦୁର୍ବିପାକ ଦେଖିଲେ ଆଖିରେ ଲୁହ ଝରିଆସେ । ସରକାରଙ୍କ ପ୍ରଚେଷ୍ଟାରେ ନଦୀରେ ସୁଦୃଢ ବନ୍ଧ କରାଯାଇ କେତାକାଂଶରେ ବନ୍ୟାକୁ ଆୟତ କରାଯାଇଛି ।

ସହରୀ ମଣିଷ ବର୍ଷା ଋତୁ ପ୍ରତି ଅତିଶୟ ବିରକ୍ତି ଭାବ ପ୍ରକାଶ କରନ୍ତି । କିନ୍ତୁ କୃଷିଜୀବୀ ଅଧୁଷିତ ପଲ୍ଲୀଭୂଖଣ୍ଡ ବର୍ଷାକୁ ସ୍ୱାଗତ କରେ । କୃଷି ହିଁ ଓଡିଶାର ପ୍ରାଣ । କୃଷିର ଉନ୍ନତି ବାଧାପ୍ରାପ୍ତ ହେଲେ ଓଡିଶା ଜାତିର ଅବନତି ଅବଶ୍ୟମ୍ଭାବୀ । ଓଡିଶାର ପଲ୍ଲୀଭୂଖଣ୍ଡ କେବଳ ଶୋଭା ସମ୍ପଦରେ ପରିପୂର୍ଣ୍ଣ ନୁହେଁ, ଏହା ମଧ୍ୟ ଧନ ସମ୍ପଦରେ ପରିପୂର୍ଣ୍ଣ । ପଲ୍ଲୀ ଜୀବନ ବାସ୍ତବରେ ସବୁଜ ଓ ସୁନ୍ଦର । ତେଣୁ କବି ଭାବୁକ ଓ ଲେଖକମାନେ ଉତ୍କଳୀୟ କୃଷକଙ୍କର ଜୟଗାନ କରନ୍ତି ।


ପ୍ଲଟ ନଂ – ୩ଇ/୫୦୯, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ – ୯୯୩୭୨୨୪୦୮୫


# ସ୍ତନ୍ୟପାନ ସର୍ବୋତ୍ତମ

**॥ ଜ୍ୟୋତିରଞ୍ଜନ ଚମ୍ପତିରାୟ ॥**

ମାତୃ ମୃତ୍ୟୁହାର ଅପେକ୍ଷା ଆମ ଦେଶରେ ଶିଶୁ ମୃତ୍ୟୁହାର ଅଧିକ। ମାତୃ ମୃତ୍ୟୁହାର ଆମ ଦେଶରେ ୧ଲକ୍ଷରେ ୧୧୯ ଥିଲାବେଳେ ଶିଶୁ ମୃତ୍ୟୁହାର ୧ ହଜାରରେ ଏହା ୩୬ ଜଣ। ମାଆ କ୍ଷୀରର ଅନ୍ୟନାମ ଅମୃତ। ଆଜକୁ ୩ ହଜାର ବର୍ଷ ପୂର୍ବେ ମହର୍ଷି ଚରକ କହିଥିଲେ – ‘ଜୀବନଂ ବୃହଣଂ ସାତ୍ମଂ ସ୍ନେହନଂ, ମାନୁଷଂପୟଃ। ନାବନଂ ରକ୍ତପିତ୍ତସ୍ୟ ତର୍ପଣଂ, ଚାକ୍ଷିରୋଗିଣାମ୍।’ ଅର୍ଥାତ୍ ଏହା ପ୍ରାଣ ରକ୍ଷାକାରୀ, ସମସ୍ତ ଧାତୁର ପୋଷକ, ପ୍ରତିକ୍ରିୟା ବିହୀନ ଓ ସୌମ୍ୟ ଗୁଣବର୍ଦ୍ଧକ।

ଅଧଘଣ୍ଟା ମଧ୍ୟରେ କଷକ୍ଷୀର : ପ୍ରତିଷେଧକ ଶିଶୁ ରୋଗର’ ମାକ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ ତଥା ସର୍ବୋତ୍କୃଷ୍ଟ ଖାଦ୍ୟ। ମା’ କ୍ଷୀର ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ସୁଷମ ଖାଦ୍ୟ। ସ୍ତନ୍ୟପାନ ଉଭୟ ମା ଓ ଶିଶୁ ପାଇଁ ଅତ୍ୟନ୍ତ ହିତକାରୀ। ଶିଶୁକୁ ମା’କ୍ଷୀର ବ୍ୟତୀତ ଅନ୍ୟ କୌଣସି କ୍ଷୀର ଯେପରି ଗାଈ, ମଇଁଷି ବା ଡବା କ୍ଷୀର କିମ୍ବା ମହୁ, ଗୁଡ଼, ଗ୍ଲୁକୋଜ ପାଣି ଆଦି ଅନ୍ୟ କୌଣସି ତରଳ ପଦାର୍ଥ ଦେବା ଅନୁଚିତ। ଶିଶୁ ଜନ୍ମ ହେବାର ଅଧ ଘଣ୍ଟାଏ ମଧ୍ୟରେ ମା’କ୍ଷୀର ଖୁଆଇବା ଅତ୍ୟନ୍ତ ଆବଶ୍ୟକ। ଏହି କ୍ଷୀରରେ କୋଲଷ୍ଟ୍ରମ ଥାଏ, ଯାହା ଶିଶୁକୁ ରୋଗ ସଂକ୍ରମଣରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ଛଅ ମାସ ଖାଲି ସ୍ତନ୍ୟପାନ : ଉଭୟଙ୍କୁ ଦିଏ ସୁସ୍ଥ ଜୀବନ : ଶିଶୁର ଅଭିବୃଦ୍ଧି ପାଇଁ ମା’ କ୍ଷୀରରେ ସମସ୍ତ ପ୍ରକାର ପୁଷ୍ଟିସାର, ପୋଷକ ତତ୍ତ୍ୱ ଆଦି ଭରପୁର ରହିଥାଏ ଏବଂ ଶିଶୁ ଏହାକୁ ଠିକ ଭାବରେ ହଜମ କରିବାରେ ସମର୍ଥ ହୋଇଥାଏ। ମା’କ୍ଷୀର ଶିଶୁକୁ ସୁହାଇବା ଭଳି ଉଷ୍ମତା ବଜାୟ ରଖେ ଏବଂ ଶିଶୁକୁ ବୁଦ୍ଧିମାନ ହେବାରେ ସାହାଯ୍ୟ କରିଥାଏ। ଏହି କ୍ଷୀର ଶିଶୁକୁ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦରୋଗ ଓ ମେଦ ବହୁଳତା ଭଳି ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ। ମା’କ୍ଷୀରରେ ଥିବା ଆମିନୋଏସିଡ଼ ଶିଶୁ ଆଖିରେ ରେଟିନାର ବିକାଶ କରେ। ଫଳରେ ଶିଶୁ ଭଲ ଦେଖିପାରେ। ସ୍ତନ୍ୟପାନ ଯୋଗୁ ଶିଶୁକୁ ବାହ୍ୟ ସଂକ୍ରମଣ ଆଶଙ୍କା ମଧ ଯଥେଷ୍ଟ କମ ଥାଏ।

‘ସ୍ତନ୍ୟପାନ ପାଇଁ ସ୍ୱତନ୍ତ୍ର ଧ୍ୟାନ : ସୁରକ୍ଷିତ କରେ ଶିଶୁ ଜୀବନ’ : ପ୍ରସବ ପରେ ତୁରନ୍ତ ଶିଶୁକୁ ମା’ ଦେହରେ ଲଗାଇ ଶୁଆଇବା ଦରକାର। ପ୍ରଥମେ ସ୍ତନକୁ ଭଲ ଭାବେ ପରିଷ୍କାର କରି ଶିଶୁକୁ ପିଆଇବା ଦରକାର। ଦୈନିକ ଅନ୍ତତଃ ପକ୍ଷେ ମା’ ନିଜ ଶିଶୁକୁ ୮-୧୦ ଥର ୧୦-୧୫ ମିନିଟ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ସ୍ତନ୍ୟପାନ କରାଇବା ଦରକାର। ତେବେ ସ୍ତନ୍ୟପାନ ସମୟରେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଯଥା ମା ଆରାମରେ ବସି ଶିଶୁକୁ କୋଳରେ ଧରି କ୍ଷୀର ଖୁଇବା ଭଲ। ଶିଶୁକୁ ଶୁଆଇ କ୍ଷୀର ଖୁଆଇବା ଅନୁଚିତ। ସ୍ତନ୍ୟପାନ ପୂର୍ବରୁ ହାତ ସାବୁନରେ ଧୋଇବା ସହ ଫୁଟାପାଣିରେ ଧୁଆ ହୋଇଥିବା ସଫା କପଡ଼ାରେ ସ୍ତନକୁ ପୋଛିବା ଦରକାର। ମା’ପ୍ରତିଦିନ ପେଟ ପୁରା ଖାଇବା ସହ ସ୍ତନ୍ୟପାନ କରାଇବା ପୂର୍ବରୁ ଜୁସ, ସୁପ କିମ୍ବା ପାଣି ନିହାତି ପିଇବା ଆବଶ୍ୟକ। ଶିଶୁକୁ କ୍ଷୀର ଦେବା ବେଳେ ମା’ ମନରେ ଭୟ, ଗ୍ଲାନି, ଉଦବେଗ, ଆଶଙ୍କା, ଅଶାନ୍ତି ଭଳି ଭାବନା ନ ରହିବା ଦରକାର। ମା’ଖୁସି ମନରେ ଶିଶୁ ଖୁଆଇଲେ ଏହା ଉଭୟଙ୍କ ପାଇଁ ଭଲ। ଖୁଆଇବା ପରେ ଶିଶୁକୁ କାନ୍ଧରେ ପକାଇ ପିଠିକୁ ଥାପୁଡାଇବା ଦରକାର। ଏହାଦ୍ୱାରା ଶିଶୁର ଗ୍ୟାସ ହେବା ଏବଂ ପେଟ ଯନ୍ତ୍ରଣାରେ ଶିଶୁ କାନ୍ଦିବା ସମସ୍ୟା ଦୂର ହୋଇଥାଏ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
ଦୂରଭାଷ : ୯୪୩୭୧୨୪୦୭୪



ମହାଭାରତ

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ୧୦ ବର୍ଷ ହେଲା ସରୁନି ଅଙ୍ଗନବାଡ଼ି ଗୃହ ର୍ନିମାଣ କାର୍ଯ୍ୟ

## ସହାୟିକା ଘରେ ଚାଲିଛି କେନ୍ଦ୍ର



କୋକସରା,(ମହାଭାରତ) : କୋକସରା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଥିବା ଚୋର୍ନିଦୁଆର ଅଙ୍ଗନବାଡ଼ି କେନ୍ଦ୍ରରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛିୟ ର୍ଦିଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅଙ୍ଗନବାଡ଼ି କେନ୍ଦ୍ର ର୍ନିମାଣ କାର୍ଯ୍ୟ ସମ୍ପୂର୍ଣ ହୋଇପାରୁ ନ ଥିବାରୁ କର୍ମୀଙ୍କ ସହାୟିକା ଘର ବାରଣ୍ଡାରେ ଖୋଲା ଆକାଶ ତଳେ କୋମଳମତି ଶିଶୁ ମାନଙ୍କ ଭବିଷ୍ୟତ ଗଢ଼ା ଚାଲୁଛି । ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୩୯ ଜଣ ପ୍ରାକ୍ ବିଦ୍ୟାଳୟର ଶିଶୁ ରହିଛନ୍ତି, ଏବଂ ୫ ଜଣ ପ୍ରସୂତୀ ମହିଳା, ୫ଜଣ ଗର୍ଭବତୀ ଓ ୬ ମାସରୁ ୩ ବର୍ଷର ଶିଶୁ ୩୩ ଜଣ ରହିଛନ୍ତି । ଏହି କେନ୍ଦ୍ର ଉପରେ କନକପୁର ଓ ଚୋର୍ନିଦୁଆର ଗ୍ରାମର ଲୋକେ ର୍ନିଭର କରନ୍ତି । ତେବେ ର୍ଦିଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ମନରେଗା ଯୋଜନାରେ ୫ଲକ୍ଷ ଟଙ୍କା ଓ ବିଭିନ୍ନ ଅନୁଦାନରୁ ପ୍ରାୟ ୨ ଲକ୍ଷ ଟଙ୍କାରେ ଅଙ୍ଗନବାଡ଼ି କେନ୍ଦ୍ର ର୍ନିମାଣ ଆରମ୍ଭ ହୋଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇ ନପାରି ଅଧାପନ୍ତରିଆ ଭାବେ ପଡ଼ିରହିଛି । ଯାହା ଫଳରେ ଅନେକ ଦିନଧରି ଗଛମୂଳ, ଖୋଲା ଆକାଶ ତଳେ କେନ୍ଦ୍ର ଚାଲି ଆସୁଥିଲା । ତେଣୁ ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଏବେ ଅଙ୍ଗନବାଡ଼ି କର୍ମୀଙ୍କ ସହାୟିକା ଘରେ କେନ୍ଦ୍ର ଚାଲୁଛିୟ ସହାୟିକାଙ୍କ ଘରେ ମଧ୍ୟ ଉପଯୁକ୍ତ ସ୍ଥାନ ହେଉନାହିଁ । ଫଳରେ ଖାଦ୍ୟ ବଣ୍ଟନ ସମୟରେ ହେଉ କିମ୍ବା ଭିଏଚ୍ଏଣ୍ଡି ସମୟରେ ହେଉ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏହି ଅଙ୍ଗନବାଡ଼ି କେନ୍ଦ୍ର ର୍ନିମାଣ କାର୍ଯ୍ୟ ନିମନ୍ତେ ଅନେକ ସମୟରେ ଅନୁଦାନ ଆସିବା ସ□ ବର୍ଷ ବର୍ଷ ଧରି ସମ୍ପୂର୍ଣ ହୋଇପାରୁ ନାହିଁ । ଯାହାକୁ ନେଇ ବାରମ୍ବାର ଗ୍ରାମବାସୀମାନେ ସିଡିପିଓଙ୍କ ଠାରୁ ଆରମ୍ଭ କରି ବିଡ଼ିଓ ଏମିତି ଜିଲ୍ଲାପାଳ ଓ ବିଧାୟକଙ୍କୁ ଜଣାଇ ଆସିଥିଲେ ମଧ୍ୟ କାହାରି ଦୃଷ୍ଟି ପଡି ନଥିବା ସେମାନେ ଅଭିଯୋଗ କରିଛନ୍ତି । ଆଗକୁ ଯଦି ଶିଘ୍ର କେନ୍ଦ୍ର ର୍ନିମାଣ କାର୍ଯ୍ୟ ସମ୍ପୂର୍ଣ ନ ହୁଏ ତେବେ ଆନ୍ଦୋଳନ କରିବାକୁ ଚୋର୍ନିଦୁଆର ଗ୍ରାମର ବିଭୁତି ପୋଟା, ୱାର୍ଡ଼ ମେମ୍ବର ରାମେଶ୍ୱର ପୋଟା, ଗୋଲ ଗୋବିନ୍ଦ ବାଗ, ଅଭିନବ ବାଗ, ବଂଶୀଧର ମାଝୀ, ପୁରୋହିତ ପୋଟା, ବାସନ୍ତୀ ମାଝୀ, ବିଷ୍ଣୁପ୍ରିୟା ପୋଟା, ହେମଲତା ମାଝୀ, କେତକୀ ମାଝୀ, ନିରାଶ ବାଗ, ମାସୁରୀ ମାଝୀ ସମେତ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି । ଏନେଇ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମା□ଳ ମାଝୀ ଏବଂ ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ମତାମତ ନେବାରୁ ପଞ୍ଚାୟତରୁ ବର୍ତ୍ତମାନ ପୁଣି ଏକ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇ ସାରିଛି, ଖୁବ୍ ଶିଘ୍ର ଅଙ୍ଗନବାଡ଼ି କେନ୍ଦ୍ର ସମ୍ପୂର୍ଣ କରାଯିବା ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି ।

# ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ ସହ ମନ୍ଦିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ



ଆସିକା (ମହାଭାରତ): ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସ୍ଥାନୀୟ ପୁଡୁଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ କବି ତଥା ଲେଖକ ରତ୍ନାକର ସିଞ୍ଚୟ ପରିଚାଳନା କରିଥିଲେ । ମୁଖ୍ୟ ଅତିଥିଭାବେ କ୍ରୀଡ଼ାବିତ ତଥା ବିଶିଷ୍ଟ ସମାଜସେବୀ ଆର. ଚିଦାନନ୍ଦ ଆଚାରୀ ପ୍ରଦୀପ ପ୍ରଜ୍ୱଳନ କରି ଥିଲା ବେଳେ ଅନ୍ୟ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ସମ୍ପାଦକ କମଳେନ୍ଦୁ ହୋତା,ସହସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ,ସମାଜସେବୀ ବିକ୍ରମ କେଶରୀ ମହାନ୍ତି,କ୍ରୀଡ଼ାବିତ ପ୍ରଶାନ୍ତ କୁମାର ମୁନି, ମୁଖ୍ୟ ବକ୍ତା ଭାବେ ସମାଜ ସେବୀ ବରିଷ୍ଠ ସମ୍ବାଦିକ ବୁଲୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଚଳିତ ବାର୍ଷିକ କ୍ରୀଡା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ କ୍ରୀଡା ମନୁଷ୍ୟ ଜୀବନରେ କିପରି ପ୍ରଭାବ ପକାଇଥାଏ ତା ଉପରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟ ସ୍କାଉଟ ଓ ଗାଇଡ୍ ମାନଙ୍କ ଦ୍ୱାରା ପୁଡୁଗେଶ୍ୱର ମନ୍ଦିର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟପରିଶେଷରେ ଚଳିତ ବର୍ଷ ର ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟ ଗୁରୁଜୀ ଗୁରୁମା କାଦମ୍ବିନୀ ହୋତା, ଲୀନକୁମାରୀ ସ୍ୱାଇଁ, ସୁନିତା ମହାପାତ୍ର, କାର୍ତ୍ତିକେଶ୍ୱର ବେହେରା, ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର,କେ ମାଧବି ଆଚାରୀ, କେ କମଳା କୁମାରୀ ଆଚାରୀ,ସନ୍ତୋଷି କୁମାରୀ ସାହୁ, ବାଳକୃଷ୍ଣ ସାହୁ ଶଶୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

# ପାଟଣା ଧାନମଣ୍ଡି କୁ ଉଦଘାଟନ କଲେ ବିଧାୟକ



ପାଟଣା:-କେନ୍ଦୁଝର ଜିଲ୍ଲା ପାଟଣା ରେ ଶୁଭାରମ୍ଭ ହୋଇ ଛି ଧାନମଣ୍ଡି । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ଯୋଗଦାନ କରି ଧାନମଣ୍ଡି ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାତ,ବ୍ଲକ ଯୋଗାଣ ନିରୀକ୍ଷିକ ଅଧିକାରୀ ସୁନିତା ମାରାଣ୍ଡି,ପାଟଣା ଲ୍ୟାମ୍ପ ଏମ୍.ଡି ହରମୋନ ମହାନ୍ତ,ଲ୍ୟାମ୍ପ ସଭାପତି ରାମଚନ୍ଦ୍ର ନାଏକ,ଉପସଭାପତି କନକ ଲତା ନାଏକ,ମୂଷାଖୋରୀ ସରପ□ ଭାମାମଣି ନାଏକ ଉପସ୍ଥିତ ଥିଲେ । ପ୍ରଥମ ଦିନ ଧାନମଣ୍ଡି ରେ ନୂଆପଡା,ଟାଙ୍ଗରପଡା, ମଙ୍ଗଳପୁର,ସରାସକୋଲା, ଭାଲୁଘୋର ଅଞ୍ଚଳ ରୁ ପା□ଜଣ ଚାଷୀ ଙ୍କ ଠାରୁ ଶହେ କୁଇଣ୍ଟାଲ ଧାନ କିଣା ଯାଇଛି । ଏହି ଧାନମଣ୍ଡି ସପ୍ତାହରେ ତିନିଦିନ ସୋମବାର,ଶୁକ୍ରବାର ଓ ଶନିବାର ଖୋଲା ଯିବ ବୋଲି ବ୍ଲକ ଯୋଗାଣ ନିରୀକ୍ଷିକ ଅଧିକାରୀ ସୂଚନା ଦେଇଛନ୍ତ ।

# ବନାଗ୍ନୀ ପ୍ରତିରୋଧ ଓ ନିରାକରଣ ସଚେତନତା ଶିବିର



ଆସିକା (ମହାଭାରତ):ଘୁମୁସର ବନଖଣ୍ଡ ଅଧୀନ ଆସିକା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ଠାରେ ବନାଗ୍ନୀ ପ୍ରତିରୋଧ ଓ ନିରାକରଣ ସଚେତନତା ଶିବିର ଜିଲ୍ଲା ବନଖଣ୍ଡ ଅଧିକାରୀ ବିନୋଦ କୁମାର ଆଚାର୍ଯ୍ୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲା ବେଳେ ଅନ୍ୟ ଉପସ୍ଥିତ ଅତିଥିଭାବେ ବିଶିଷ୍ଟ ପରିବେଷବିତ ଶୁଳପାଣି ଶତପଥୀ ଆସିକା ବିଡ଼ିଓ ସଂଗୀତା ଷଡ଼ଙ୍ଗୀ,ଭେଟନଇ କୃଷ୍ଣ ସାର ମୃଗ ସୁରକ୍ଷା ସମିତି ସଭାପତି ଅମୁଲ୍ୟ ଉପାଧ୍ୟାୟ ଓ ମୁଖ୍ୟ ବକ୍ତା ଭାବେ ପାକିଡ଼ି ମୟୁର ସୁରକ୍ଷା ସମିତି ସଭାପତି ସମୀର କୁମାର ପ୍ରଧାନ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ କାମଣ୍ଡାର ଶଙ୍କର ଅଧିକାରୀ, ଆସିକା ବନାଧିକାରୀ ପ୍ରମୋଦ କୁମାର ପଣ୍ଡା,ବିଶିଷ୍ଟ ପରିବେଷବିତ ଶୁଳପାଣି ଶତପଥୀ,ଆସିକା ବିଡ଼ିଓ ସଂଗୀତା ଷଡ଼ଙ୍ଗୀ,ଭେଟନଇ କୃଷ୍ଣ ସାର ମୃଗ ସୁରକ୍ଷା ସମିତି ସଭାପତି ଅମୁଲ୍ୟ ଉପାଧ୍ୟାୟ,ଘୁମୁସର ଦକ୍ଷିଣ ବନଖଣ୍ଡ ସେକ୍ସନ ଅଧିକାରୀ ଅଶୋକ କୁମାର ସାହୁ ବିଧାୟକ ପ୍ରତିନିଧି ସମ୍ବିତ କୁମାର ପାଢ଼ୀପ୍ରମୁଖ ଉପସ୍ଥିତ ରହି କିପରି ମନୁଷ୍ୟ କୃତ ବନାଗ୍ନୀ କୁ ରୋକଯାଇ ପାରିବ କଣ କଲେ ପ୍ରାକୃତିକ ବନାଗ୍ନୀ ହେବନାହିଁ ସେ ଉପରେ ବିସ୍ତୃତ ଭାବେ ଉପସ୍ଥିତ ଆସିକା ବିଜ୍ଞାନ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଏନ ସି ସି କେଡେଟ ମାନଙ୍କୁ ବୁଝାଇବା ସହ ଆସିକା ବିଧାୟକ ତାଙ୍କ ଉଦବୋଧନ ରେ ଆସିକା କୁ ସବୁଜ ବନ ରେ ପରିଣତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

# ଡିଏଭି ପବ୍ଲିକ ସ୍କୁଲ,ପାରାଦୀପ ପୋର୍ଟ ରେ ବାର୍ଷିକ 'ଜ୍ଞାନସ୍ରୋତ' ପ୍ରଦର୍ଶନୀ ମେଳା



ପାରାଦୀପ (ମହାଭାରତ): ଡି.ଏ.ଭି. ପବ୍ଲିକ୍ ସ୍କୁଲ୍, ପାରାଦ୍ୱୀପ ପୋର୍ଟରେ ବାର୍ଷିକ ପ୍ରଦର୍ଶନୀମେଳା 'ଜ୍ଞାନସ୍ରୋତ' ଏବଂ ରକ୍ତଦାନ ଶିବିର ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଅଛି ଓ ଏହି ପ୍ରଦର୍ଶନୀ ମେଳାକୁ ସେଣ୍ଟ୍ରାଲ ରେଡ଼କ୍ରସ ବ୍ୟାଙ୍କ, କଟକ ର ଚିକିତ୍ସା ଅଧିକାରୀ ଡା. କିଶୋର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଇଫକୋ ଡିଏଭି ପବ୍ଲିକ ସ୍କୁଲ ର ଅଧକ୍ଷ ସମ୍ବିତ ସୁକୁମାର ଚିତ୍ତାରା ଏବଂ ପିପିଏଲ ଡିଏଭି ସ୍କୁଲ ର ଅଧକ୍ଷ ସଞ୍ଜିବ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ସହିତ ପିଲାମାନଙ୍କୁ ଅନେକ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତି ଏହି କାର୍ଯ୍ୟକ୍ରମ କୁ ପରିଚାଳନା କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଦର୍ଶନୀ ମେଳାରେ ଗଣିତ,ବିଜ୍ଞାନ,ସାମାଜିକ ବିଜ୍ଞାନ, ସାହିତ୍ୟ, ହିନ୍ଦୀ,ସଂସ୍କୃତ,କମ୍ପ୍ୟୁଟର, କ୍ରୀଡ଼ା,କଳା,ସଙ୍ଗୀତ ଆଦି ବିଭିନ୍ନ ବିଭାଗରୁ ପ୍ରାୟ ୨୫୦ରୁ ଅଧିକ ପ୍ରକଳ୍ପ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରିଥିଲେ । ଛାତ୍ରଛାତ୍ରୀମାନେ ସୁନ୍ଦର ଓ ସାବଲୀଳ ଢଙ୍ଗରେ ଶିକ୍ଷଣୀୟ ଏବଂ ଭବିଷ୍ୟତପୋଯୋଗୀ ପ୍ରକଳ୍ପମାନ ପ୍ରସ୍ତୁତ କରିଥିଲେ ଓ ଏଥି ସହିତ ଏକ ରକ୍ତଦାନ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଏହି ଶିବିରରେ ଅନେକ ଅଭିଭାବକ, ଶିକ୍ଷକ,ଶିକ୍ଷୟିତ୍ରୀ ରକ୍ତଦାନ ଭଳି ମହତ କାର୍ଯ୍ୟ କରିଥିଲେ ଏବଂ ସେମାନଙ୍କୁ ରକ୍ତଦାନର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଓ ସେଣ୍ଟ୍ରାଲ ରେଡକ୍ରସ୍ ବ୍ଲଡ ବ୍ୟାଙ୍କ, କଟକ ର କର୍ମକର୍ତ୍ତା ମାନେ ଏହି ରକ୍ତଦାନ ଶିବିରକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଏହି ଶିବର ରୁ ସର୍ବମୋଟ ୩୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ସର୍ବଶେଷରେ ବିଦ୍ୟାଳୟର ହୃଷିକେଶ ପ୍ରଧାନଙ୍କ ଧନ୍ୟବାଦ ଅର୍ପଣ ସହ ଏହି ଉତ୍ସବ ଉଦଯାପିତ ହୋଇଥିଲା ।

# ବୃଦ୍ଧି ହେଲା ରାଜ୍ୟ ଆଇନଜୀବୀ କଲ୍ୟାଣ ପାଣ୍ଠି



ବାଣପୁର :( ମହାଭାରତ )ଓଡିଶା ଆଇନଜୀବୀ କଲ୍ୟାଣ ପାଣ୍ଠି ୧୦ କୋଟିକୁ ବଢିଛି । ପୂର୍ବରୁ ଆଇନଜୀବୀ କଲ୍ୟାଣ ପାଣ୍ଠି ୫ କୋଟି ଥିଲା । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିକଟରେ ମଞ୍ଜୁରୀ ମିଳିଛି । ଆଇନଜୀବୀଙ୍କ ମୃତ୍ୟୁ ଓ ଅବସରକାଳୀନ ସହାୟତା ରାଶି ୨ ଗୁଣ ବଢିଛି । ପୁର୍ବରୁ ତାହା ସାଢେ ୪ ଲକ୍ଷ ଟଙ୍କା ଥିବାବେଳେ ଏବେ ତାହା ୯ ଲକ୍ଷ ହୋଇଛି । ଏଥି ନିମନ୍ତେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରିଛି ବାଣପୁର ଓକିଲ ସଂଘ । ମଙ୍ଗଳବାର ଦିନ ଓକିଲ ସଂଘ ସମ୍ପାଦକ ରଞ୍ଜନ କୁମାର ବେଦମତ୍ତାଙ୍କ ନେତୃତ୍ୱରେ ଉପସଭାପତି ରାମଚନ୍ଦ୍ର ପଲାଇ,କାର୍ଯ୍ୟକାରୀ ସମିତି ସଭ୍ୟ ସନ୍ତୋଷ କୁମାର ମହାପାତ୍ର,ବରିଷ୍ଠ ଆଇନଜୀବୀ ବିନୋଦ ବିହାରୀ ସ୍ୱାଇଁ,ସୀତାରାମ ଅଗ୍ରୱାଲ,ପଦ୍ମଜା ପଟ୍ଟନାୟକ, ପ୍ରଦୋଷ ପ୍ରଧାନ, କାମେଶ୍ୱର ଆଚାରୀ ଆଦି ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ ଧନ୍ୟବାଦ ଜ୍ଞାପନ କରିଥିଲେ । ଆଇନଜୀବୀ କଲ୍ୟାଣ ପାଣ୍ଠି ୧୦ କୋଟିକୁ ବଢିଥିବାରୁ ଏହା ନିଶ୍ଚିତ ଏକ ବଳିଷ୍ଠ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଓକିଲମାନେ କହିଥିଲେ । ଏଥି ନିମନ୍ତେ ବାଣପୁର ଓକିଲ ସଂଘ କର୍ମକର୍ତ୍ତା ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ଏହି ଅବସରରେ ଖୁବଶୀଘ୍ର ବାଣପୁରରେ ବହୁ ପ୍ରତିକ୍ଷିତ ଏଡ଼ିଜେ କୋର୍ଟ ଖୋଲିବାକୁ ଯାଉଅଛି ବୋଲି ମନ୍ତ୍ରୀ ଉପସ୍ଥିତ ଓକିଲମାନଙ୍କୁ ସୂଚନା ଦେଇଥିଲେ ।

# ଦାଦନ ଖଟିବାକୁ ଯାଇ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

ପାଟଣା:-(ମହାଭରତ) କେନ୍ଦୁଝରେ ଜିଲ୍ଲା ପାଟଣା ଥାନା ମୁଷାଖୋରୀ ପଞ୍ଚାୟତ ଅନ୍ତର୍ଗତ ଡିଆନାଳୀ ଗ୍ରାମ ର ଜଣେ ମହିଳା ଙ୍କ ଦାଦନ ଖଟିବାକୁ ଯାଇ ସନ୍ଦେହ ଜନକ ମୃତ୍ୟୁ ଘଟି ଛି । ସୂଚନା ରୁ ଡିଆନାଳୀ ଗ୍ରାମ ଏକ ପରିବାର ଯାଜପୁର ଜିଲ୍ଲା ଚଣ୍ଡିଖୋଲ ନିକଟସ୍ଥ ମାଙ୍କଡପାଳ ଗ୍ରାମ କୁ ଦାଦନ ଖଟିବାକୁ ସ୍ୱାମୀ ବାବୁଲା ମୁଣ୍ଡା,ସ୍ତ୍ରୀ ସୁକୁମାରୀ ମୁଣ୍ଡା ଓ ତାଙ୍କ ତିନିପିଲା ଙ୍କୁ ନେଇ ଯାଜପୁର ଜିଲ୍ଲା ମଙ୍କଡପାଳ ରେ କାମ କରିବାକୁ ଯାଇ ମହିଳାଙ୍କ ରବିବାର ଦିନ ସନ୍ଦେହ ଜନକ ଭାବେ ସୁକୁମାରୀ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁ ର କାରଣ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିବା ତାଙ୍କ ଘର ଲୋକଙ୍କ ଠାରୁ ସୂଚନା ମିଳି ଥିବା ବେଳେ ଘଟଣା ସ୍ଥଳରେ ପାଟଣା ପୋଲିସ ପହଞ୍ଚି ଶବ କୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠାଯାଇ ଥିଲା ।ଶବ ବ୍ୟବଚ୍ଛେଦ ପରେ ପୋଲିସ ଶବ କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଶବ ବ୍ୟବଚ୍ଛେଦ ର ତଦନ୍ତ ରିପୋର୍ଟ ଆସିଲେ ମୃତ୍ୟୁ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହି ଛି ।

# କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫-ଜୁନାଗଡ଼ ମହୋତ୍ସବ ୨୦୨୫

ଜୁନାଗଡ଼,, ମହାଭାରତ: କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ-ଏନଏସି ସ୍ତରୀୟ କଳାହାଣ୍ଡି ଉତ୍ସବ-ଜୁନାଗଡ଼ ଉତ୍ସବ ଘୁମୁରା ପାଇଁ ଆଜି ଜୁନାଗଡ଼ ବ୍ଲକ ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ବ୍ଲକ ଅଧକ୍ଷ୍ୟା ସବିତା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଡ଼ିଓ ଦେବବ୍ରତ କର, ଉପାଧକ୍ଷ ପ୍ରମୋଦ ବେହେରା,କର୍ତ୍ତବ୍ୟ ମୁଖ୍ୟ କାର୍ଯ୍ୟ ର୍ନିବାହୀ ଅଧିକାରୀ ଅଶୋକ ପଟ୍ଟନାୟକ, ଅତିରିକ୍ତ ତହସିଲଦାର, ବିଏସଏସଓ,ପ୍ରମୁଖ ମଞ୍ଚାସିନ ଥିଲେ ।ବ୍ଲକର ସରପଞ୍ଚ ସଙ୍ଘ ସଭାପତି, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ପଦାଧିକାରୀ, ସାମ୍ବାଦିକ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ଉତ୍ସବ ଘୁମୁରା-ଜୁନାଗଡ଼ ଉତ୍ସବ ପ୍ରତିବର୍ଷ ସ୍ଥାନୀୟ ଜୁନାଗଡ଼ ହାଇସ୍କୁଲ ପଡିଆ ଠାରେ ଦୀର୍ଘ ବର୍ଷ ଆୟୋଜିତ ହୋଇ ଆସୁଛି ।ହେଲେ ଏଥର ବ୍ଲକ ପ୍ରଶାସନ ଅଲଗା ଭାବେ ଏହି ଉତ୍ସବ ଗ୍ରାମା□ଳରେ, ଏକ ପଞ୍ଚାୟତରେ କରାଯିବା ନିଷ୍ପତି ନିଆଯିବା ଘୋଷଣାକୁ ଅନେକ ସହଜରେ ଗ୍ରହଣ କରି ନ ଥିଲେ ।ସରପଞ୍ଚ ସଙ୍ଘ ସଭାପତି ତଥା ମୁଣ୍ଡୁରଗୁଡା ସରପଞ୍ଚ ଏହି ନିଷ୍ପତିକୁ ପୁନଃବିଚାର କରାଯାଇ, ଗୋଟିଏ ଜାଗାରେ ହିଁ ଉତ୍ସବ କରାଯିବାକୁ ମତ ରଖିଥିଲେ । ଚସାମ୍ବାଦିକ ସଙ୍ଘ ତରଫରୁ ମଧ୍ୟ ତଦନୁରୂପ ମତ ପ୍ରକାଶ ପାଇଥିଲା । କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫-ଜୁନାଗଡ଼ ମହୋତ୍ସବ ଏକ ସ୍ଥାନରେ ନ କରି ବ୍ଲକ ଓ ଏନଏସି ଭିନ୍ନ ଭିନ୍ନ ସ୍ଥାନରେ କରାଯିବା ନିଷ୍ପତିକୁ କଳା, ସଂସ୍କୃତି, ଐତିହ, ପରମ୍ପରା ଓ ଭାଇଚାରକୁ ଭଲ ପାଉଥିବା ଲୋକେ ସହଜରେ ଗ୍ରହଣ କରି ପାରୁ ନାହାନ୍ତି ।କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫,ଜୁନାଗଡ଼ ମହୋତ୍ସବ ଜୁନାଗଡ଼ ସହରରେ ହିଁ କରାଯିବା ଦିଗରେ ଜିଲ୍ଲାପାଳ ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନା ସଚେତନତା କାର୍ଯ୍ୟକ୍ରମ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ ଆରଡ଼ି ପକ୍ଷରୁ ଆଜି ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କ ଯୋଜନାର ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ହିନ୍ଦୋଳ ବ୍ଲକ ଅନ୍ତର୍ଗତ ରଞ୍ଜକ୍ଷଗୋଳ ରୁ ଖଜୁରିଆ, ସାନହିନ୍ଦୋଳ, ନନ୍ଦପୁର ଦେଇ ଖାଲପାଳ ପର୍ଯ୍ୟନ୍ତ ୧୮କିମି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବିଭାଗ ପକ୍ଷରୁ ଟେଣ୍ଡର ହୋଇ ର୍ନିମାଣ କାର୍ଯ୍ୟ ଶେଷ ହୋଇଛି ଏବଂ ଏହା ଅଗ୍ରୱାଲକ୍ଷ ଠିକା ସଂସ୍ଥା ଏହାର ର୍ନିମାଣ ଦାୟିତ୍ୱ ନେଇଥିଲା ।ଏହି ରାସ୍ତା ପାଇଁ ଆଖପାଖ ବହୁ ପଂଚାୟତର ରଞ୍ଜଗୋଳ, ଖାଲପାଳ, ଖଜୁରିଆ, ସାନହିନ୍ଦୋଳ, ମହାଲୁଣ୍ଡା, କରସାହି, କନ୍ତିମିଲି, ତଳମୂଳ, ଦୁଦୁକୁଟ, କୃଷ୍ଣଚନ୍ଦ୍ରପୁର, ବ୍ରାହ୍ମଣମରା, ଟାଙ୍ଗୀଶାଳ ଓ ଚକୁଳିପଡା ଇତ୍ୟାଦି ୧୩/୧୪ଟି ଗ୍ରାମର ୨୦ହଜାର ଜନସାଧାରଣ ଦୈନନ୍ଦିନ ଗମନାଗମନ ପାଇଁ ଉପକୃତ ହୋଇଛନ୍ତି ।ଏହି ରାସ୍ତା ର୍ନିମାଣର କାର୍ଯ୍ୟକାରିତା ଓ ରକ୍ଷଣାବେକ୍ଷଣ ନିମନ୍ତେ ହିନ୍ଦୋଳ ଆରଡ଼ି ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିକଟରେ ରଞ୍ଜକ୍ଷଗୋଳ ଠାରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାୟ ଏଥିରେ ହିନ୍ଦୋଳ ଗ୍ରାମ୍ୟ ର୍ନିମାଣ (ଆରଡ଼ି)ବିଭାଗ ଏସଡ଼ିଓ ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ରାସ୍ତାର ଉପକାରିତା ଓ ଉପଯୋଗୀତା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବିସ୍ତୃତ ସଚେତନତା କରାଇଥିଲେ । ଅନ୍ୟତମ ଅତିଥି ର୍ନିମାଣ କାର୍ଯ୍ୟର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନସାଧାରଣ ଯୋଗଦେଇ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ହୋଇଥିବା ଏହି ରାସ୍ତା ପାଇଁ ଅଞ୍ଚଳ ବାସି ଅତ୍ୟନ୍ତ ଖୁସି ହୋଇଥିବା କହିବାସହ ସରକାର ଓ ଗ୍ରାମ୍ୟ ର୍ନିମାଣ ବିଭାଗକୁ କୃତଜ୍ଞତା ଜଣାଇଥିଲେ ।

# ଖଜୁରିଆକଟା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ୨୭ ତମ ବାର୍ଷିକ ଉତ୍ସବ ମଙ୍ଗଳାର ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ସୁକୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ହିନ୍ଦୋଳ ବିଧାୟିକା ସୀମାରଣି ନାୟକ ମୁଖ୍ୟ ଅତିଥି ,ମୁଖ୍ୟ ବକ୍ତା ଭାବେ ଶରତ କୁମାର ପାଣିଗ୍ରାହୀ , ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଇଂଜିନିୟର ସୁବ୍ରତ ଦାସ ଓ ହିନ୍ଦୋଳ ବ୍ଲକ ଉପାଧକ୍ଷ ବରୁଣ କୁମାର ସର ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଶଶି ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ର ପ୍ରଧାନ ଆଚାର୍ଯ୍ୟ ଦୟାନିଧି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ବକ୍ତା ଛୋଟ ପିଲା ମାନଙ୍କୁ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ ରୋକ୍ ଲଗାଇବା ପାଇଁ ସମସ୍ତ ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ ଏବଂ ପିଲା ମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳ କୁଦ ସହ ଯୋଗ ଓ ପ୍ରାଣାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ହିନ୍ଦୋଳ ବିଧାୟିକା ପିଲାମାନଙ୍କୁ ଚାକିରି ପଛ ରେ ନ ଗୋଡ଼ାଇ ନିଜ ଗୋଡ ରେ ନିଜେ ଛିଡ଼ା ହେବାସହ ପ୍ରତ୍ୟକ ଜଣେ ଜଣେ ଭଲ ମଣିଷ ହୋଇ ରାଷ୍ଟ୍ର ର୍ନିମାଣରେ ବ୍ରତି ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ଭଲ ପାଠ ନ ପଢ଼ିଲେ ବି ଜଣେ ଭଲ ମଣିଷ ହେବା ପାଇଁ ସଂସ୍କାର ହିଁ ମୂଳ ମନ୍ତ୍ର ବୋଲି କହିଥିଲେ । ଏହିଅବସରରେ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟ ର ପୁରାତନ ଛାତ୍ରୀ ଡାକ୍ତର ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ଅବସର ପ୍ରାପ୍ତ ପ୍ରାଣୀ ଚିକିତ୍ସକ ପଣ୍ଡିତ କର,ପୁରାତନ ଗୁରୁଜୀ ପ୍ରସନ୍ନ କୁମାର ସାହୁ ଙ୍କୁ ମାନ ପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

## ଜିଲ୍ଲାପାଳଙ୍କ ଶକଟା ଗ୍ରାମ ପରିଦର୍ଶନ

ରାୟଗଡ(ମହାଭାରତ): ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ଆଜି ମୁନିଗୁଡା ବ୍ଲକ ଅନ୍ତର୍ଗତ ଆଦର୍ଶ ଗ୍ରାମ ଶକଟାକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ଗ୍ରାମର ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ଛତୁଆ କେନ୍ଦ୍ର ଓ ପରିମଳ ବ୍ୟବସ୍ଥାକୁ ଅନୁଧାନ କରିବା ସହିତ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ । ଗ୍ରକ୍ଷମବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେଏହି ଗ୍ରାମକୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଗତ ତା ୧୫/୧୨/୨୪ରିଖରେ ଦିନ ଭଗବାନ ର୍ବିଷା ମୁଣ୍ଡକ୍ଷ ଜୟନ୍ତୀ ଅବସରରେ ଘୋଷଣା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମୁଖ୍ୟ ଉଦ୍ୟାନ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ବିଡ଼ିଓ ମୁନିଗୁଡା, ତହସିଲଦାର ମୁନିଗୁଡା, ସରପ□ ଓ ସମ୍ପାଦକ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତି ଥିଲେ।

## ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରି ଲାଭବାନ ହୋଇଛନ୍ତି ମନୋଜ

ବେଗୁନିଆ,(ମହାଭାରତ):ବେଗୁନିଆ ବ୍ଲକ ବଡବେରଣା ପଂଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଭିକାରୀ ଚରଣ ପୃଷ୍ଟିଙ୍କ ପୁଅ ମନୋଜ(୩୯) ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରି ବେଶ ଲାଭବାନ ହୋଇ ପାରୁଛନ୍ତି। ତେବେ ଆଜିକାଲିର ଉଚ୍ଚ ଶିକ୍ଷିତ ଯୁବକ ମାନେ ଚାଷ କାର୍ଯ୍ୟ ପ୍ରତି ମୁହଁ ଫେରାଇ ଆଣୁଥିବା ବେଳେ ମନୋଜ ଯୁକ୍ତ ଦୁଇ ପାସ କରି ବାପାଙ୍କ ପ୍ରେରଣାରେ ଧାନ ଓ ମୁଗ ଆଦି ଫସଲ କରି ଆସୁଛନ୍ତି। ତେବେ ଆଜିକାଲି ଚାଷ ଜମିରେ ଫସଲ ଅମଳ ପାଇବା ଆଶାରେ ଅଧିକ ପରିମାଣରେ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ବ୍ୟବହାର କରି ଚାଲିଛନ୍ତି। ଏହାଦ୍ୱାରା ମଣିଷ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଥିବା ବେଳେ ପାରମ୍ପରିକ ଜୈବିକ ଚାଷ ପଦ୍ଧତିକୁ ଆପଣେଇ କୃଷି କାର୍ଯ୍ୟାଳୟର କ୍ଷେତ୍ରୀୟ କର୍ମଚାରୀ ବିଭୂତି ଭୂଷଣ ଦଳବେହେରାଙ୍କ ପରାମର୍ଶ କ୍ରମେ ଯୁବଚାଷୀ ମନୋଜ ଅଧିକ ଧାନ ଅମଳ କରି ପାରିଛନ୍ତି। ଏଥିରେ ସେ ପ୍ରଥମେ ୪ ଏକର ଜମିରେ ଧନିଚା ଚାଷ କରିବା ପରେ ଧାନ ରୋଇ କମ ପରିମାଣର ରାସାୟନିକ ସାର ପ୍ରୟୋଗ କରିଥିଲେ। ଏଥିରୁ ଗତ ବର୍ଷ ଧାନ ଫସଲ ଅମଳ କମ ହୋଇଥିବା ବେଳେ ଚଳିତ ବର୍ଷ ୧୧୦ ବସ୍ତା ଧାନ ଅମଳ କରିଥିବାରୁ ଖୁସି ଅନୁଭବ କରିବା ସହ ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟ କରିଥିବାରୁ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

## ହାଟଡିହି ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି



ହାଟଡିହ(ମହାଭାରତ): ଡିସେମ୍ବର ମାସର ଶେଷ ସପ୍ତାହ ର ପ୍ରଥମ ସୋମ ବାର ରେ ହାଟଡିହି ବ୍ଲକର କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ ଙ୍କ ଜନ ଅଭିଯୋଗ ଶୁଣାଣି ହୋଇ ଯାଇଛି। ଏଥିରେ ଜିଲ୍ଲାପାଳ ବିଶାଲ୍ ସିଂ, ଅତିରିକ୍ତ ପୋଲିସ ଅଧିକାରୀ ହରପ୍ରିୟା ନାୟକ, ଙ୍କ ସମେତ ସମସ୍ତ ବିଭାଗ ର ଅଧିକାରୀ ମାନେ ରହିଥିଲେ। ଏହି ଅଭିଯୋଗକାରୀ ଙ୍କ ମଧ୍ୟରେ ଅଧିକାଂଶ ଟ୍ରାଇ ସାଇକେଲ, ଏବଂ ଘର ସରକାରୀ ଆବାସ ଯୋଜନାରେ ସମସ୍ୟା ଦେଖିବାକୁ ମିଳିଥିଲା। ହାଟଡିହି ବ୍ଲକ ର ସାମ୍ବାଦିକ ମାନେ ଅଞ୍ଚଳ ରେ ଚୋରି ବଢୁଥିବାରୁ ପ୍ରତି ବଜାର ରେ ସିସି ଟିଭି କ୍ୟାମେରା ଲଗାଇବାକୁ ଅନୁରୋଧ କରିଥିଲେ। ମୋଟ ଚାରି ଜାଣ ଙ୍କୁ ଟ୍ରାଇ ସାଇକେଲ ଦିଆଯାଇଥିବା ଅନେକ ଲୋକଙ୍କ ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲା ଅଧିକାରୀ ମାନଙ୍କ ମଧ୍ୟରେ କେନ୍ଦୁଝର ଜିଲ୍ଲାପାଳ, ସହ ଅତିରିକ୍ତ ପୋଲିସ ଅଧିକାରୀ , ଆଲୋକ ପ୍ରଧାନ ଅତିରିକ୍ତ ଜିଲ୍ଲାପାଳ, ସ୍ୱପ୍ନେଶ୍ୱର ଗଣନାୟକ ଜିଲ୍ଲା ଚିକିତ୍ସା ଅଧିକାରୀ,ପ୍ରକଳ୍ପ ନିର୍ଦ୍ଦେଶକ କୁମାର ନାଗ ଭୂଷଣ , ଉପଜିଲ୍ଲାପାଳ ଫାଲଗୁନୀ ମାଝୀ,ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ହାଟଡିହି ବ୍ଲକ ଉନ୍ନୟନ ଅଧିକାରୀ ସୌମ୍ୟା ଶ୍ରୀ ପାଣିଗ୍ରାହୀ , ହାଟଡିହି ତହସିଲ ଅଧିକାରୀ ମନୋଜ କେରକେଟା ଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ବନ୍ୟ ଅଧିକାରୀ, ବିଦ୍ୟୁ ବିତରକ ସଂସ୍ଥାର ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ଜଳ ଯୋଗାଣ ଅଧିକାରୀ, ଜିଲ୍ଲା ଶ୍ରମିକ ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ଜିଲ୍ଲା ଅବକାରୀ ଅଧିକାରୀ, ଜିଲ୍ଲା ଶିଶୁ କଲ୍ୟାଣ ଅଧିକାରୀ , ଜିଲ୍ଲା ଜନ ମଙ୍ଗଳ ଅଧିକାରୀ, ଉପସ୍ଥିତ ରହିଥିଲେ, ଏଥିରେ ମୋଟ ୨୦୫ଟି ଅଭିଯୋଗ ଶୁଣାଣି କରାଯାଇଛ।

## ପାରାଦୀପ ପ୍ଲାଷ୍ଟିକ ପାର୍କରେ ଏନରଗନ ପଲିମେଟିକ ପ୍ଲାଷ୍ଟର ଉଦ୍‌ଘାଟନ



ପାରାଦୀପ (ମହାଭାରତ): ପାରାଦୀପ ଗସ୍ତ ରେ ଆସିଥିବା କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ଲାଷ୍ଟିକ୍ ପାର୍କ ରେ ଏନରଗନ ପଲିମେଟିକ କମ୍ପାନୀର ସୋମବାର ଦିନ ଉଦଘାଟନ କରିଛନ୍ତି। ପଲିବ୍ୟାଗ ତିଆରି କରିବାକୁ ଥିବା ଏନରଗନ କମ୍ପାନୀ ତାର ସାମଗ୍ରୀ ଉତ୍ପାଦନ ପାଇଁ ପ୍ରସ୍ତୁତ ହୋଇଥା ବେଳେ କେନ୍ଦ୍ରମନ୍ତ୍ରୀଙ୍କ ହାତରେ ଉଦଘାଟନ ଅବସରରେ ପାରାଦୀପର ବିକାଶ କୁ ନେଇ ପ୍ରଧାନମନ୍ତ୍ରୀ ଙ୍କ ପ୍ରୟାସ ଆଜି ସଫଳ ହୋଇଛି ବୋଲି କହିଥିଲେ ।ବିଗତ ଦିନରେ ପେଟ୍ରୋଲିୟମ ବିଭାଗ ରେ ଥିବା ସମୟରେ ପାରାଦୀପ ପଲି ପ୍ରପୋଲିନ ପ୍ରକଳ୍ପ ର ଉଦଘାଟନ କରିବାର ସୁଯୋଗ ମିଳିଥିଲା, କିନ୍ତୁ ପୂର୍ବରୁ ଓଡ଼ିଶାରେ ଆମ ସରକାର ନ ଥିବାରୁ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେବାରେ କିଛି ସମସ୍ୟା ସୃଷ୍ଟି ହେଉଥିଲା । ବର୍ତ୍ତମାନ ସମୟ ବଦଳିଛି ପୂର୍ବ ଭାରତ ର ବିକାଶ ପାରାଦୀପ ଠାରୁ ଆରମ୍ଭ ହେବା ସହିତ ପ୍ଲାଷ୍ଟିକ ପାର୍କର ଗୋଟିଏ ପରେ ଗୋଟିଏ କମ୍ପାନୀ କାର୍ଯ୍ୟକ୍ଷମ ହେବାକୁ ଯାଉଅଛି । ଏନରଗନ କମ୍ପାନୀ ରେ ବିଭିତ୍ତ ପ୍ରକାର ର ସିମେଣ୍ଟ ବ୍ୟାଗ, ଚାଉଳ ବ୍ୟାଗ ସହିତ ବିଭିନ୍ନ ବ୍ୟାଗ ର୍ନିମାଣ କରାଯିବ,ଯାହାର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ଖୁବଶୀଘ୍ର କମ୍ପାନୀ ରୁ ଉତ୍ପାଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ଉଦଘାଟନ ଉତ୍ସବ ଅବସରରେ କେନ୍ଦ୍ରମନ୍ତ୍ରୀ ଓ କମ୍ପାନୀ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି। ଏହି ଉଦଘାଟନୀ ରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଓ ବିଧାୟକ ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ପୁଣି ଅଦିନିଆ ବର୍ଷା, ଚାଷୀଙ୍କ ଦୁର୍ଦ୍ଦଶା ବଢିଲା



ଆଠଗଡ : ଶୀତ ଋତୁରେ ସପ୍ତାହକ ମଧ୍ୟରେ ଦୁଇଦୁଇଥର ଲଘୁଚାପଜନିତ ଅଦିନିଆ ବର୍ଷା ଚାଷୀଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଦେଇଛି। ବର୍ଷ ଯାକର ଆହାର ଓ ଉପାର୍ଜନ ହରାଇବା ଚିନ୍ତାରେ ଚାଷୀକୂଳ ହତାଶ ହୋଇପଡିଛନ୍ତି। ଆଠଗଡ ଏକ କୃଷିପ୍ରଧାନ ଅଞ୍ଚଳ ହୋଇଥିବାବେଳେ ପନିପରିବା ଉତ୍ପାଦନରେ ଏ ଅଞ୍ଚଳର ପ୍ରସିଦ୍ଧି ରହିଛି। ଏବେ ଶୀତଦିନିଆ ପରିବା ଫସଲ କରି ବର୍ଷଯାକର ଖର୍ଚ୍ଚବାର୍ଚ୍ଚ ପାଇଁ ଆଶା ବାନ୍ଧିଥିବା ଚାଷୀବାପୁଡା ଏହି ଅଦିନିଆ ବର୍ଷାରେ ନିଜ କ୍ଷେତରେ ଅମଳକ୍ଷମ ଫସଲ ଉଜୁଡି ଯାଉଥିବା ଦେଖି ଦୁଃଖରେ ମ୍ରିୟମାଣ ହୋଇ ପଡିଛନ୍ତି। ଆଠଗଡ ବ୍ଲକର ସମସରପୁର, ସଠୀଲୋ, ଇଚ୍ଛାପୁର, ଜେନାପଦା, ବଡଭୂଇଁ, ଖୁଣ୍ଟ□କଟା, ମହାକାଳବସ୍ତ, କଟକିଆସାହି ପ୍ରଭୃତି ପଞ୍ଚାୟତଗୁଡିକରେ ପର୍ଯ୍ୟାପ୍ତ ପରିମାଣର ପନିପରିବା ଚାଷ କରାଯାଇଥାଏ ।ସେସବୁ ଅଞ୍ଚଳରୁ ପ୍ରତିଦିନ ବହୁ ପରିମାଣର ପନିପରିବା କଟକ, ଭୁବନେଶ୍ୱର, ଢେଙ୍କାନାଳ, ଅନୁଗୁଳ ଓ ଅନ୍ୟାନ୍ୟ ସ୍ଥାନକୁ ବିକ୍ରି ପାଇଁ ଚାଲାଣ ହୋଇଥାଏ ।ଚାଷୀମାନେ ବର୍ଷାରେ କ୍ଷେତରେ ପଚିଯିବା ପୂର୍ବରୁ ଛୋଟ ଅବସ୍ଥାରେ ଥିବା ଫୁଲ କୋବି, ବନ୍ଧା କୋବି, ବିନ୍ ଓ ଅନ୍ୟାନ୍ୟ ପନିପରିବା ଫସଲ ତୋଳିଆଣି ସାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। କ୍ଷତିପୂରଣ ଦେବାକୁ କହୁଥିଲେ ମଧ୍ୟ ଚାଷୀଙ୍କର ପ୍ରକୃତ କ୍ଷତି କେବେବି ଭରଣା ହୋଇ ପାରିବନି ବୋଲି କୃଷିବିତ ମତବ୍ୟକ୍ତ କରିଛନ୍ତି। ତଥାପି ପୋଡିଗଲା ଘରୁ କୁଟାଖିଏ ପରି ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀ ସରକାରଙ୍କ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପାଇବାର ଆଶା ରଖିଛନ୍ତି । ସେହିପରି ଆଠଗଡ ଅ□ଳରେ ଏବେବି ପ୍ରାୟ ୪୦ ପ୍ରତିଶତ ଧାନ କଟା ନହୋଇ ଜମିରେ ବର୍ଷା ଜଳରେ ବୁଡି ରହିଥିବାରୁ ଚାଷୀ ପର୍ଯ୍ୟାପ୍ତ କ୍ଷତି ସହିବା ଆଶଙ୍କାରେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତିୟ ସରକାର

## ଜମି ବନ୍ଧକକୁ କେନ୍ଦ୍ର କରି ଖୁର୍ସେଲ ଗୁଡାରେ ଯୁବକକୁ ହତ୍ୟା : ଅଭିଯୁକ୍ତ ଗିରଫ

ଜୁନାଗଡ଼ (ମହାଭାରତ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଗୌଡ଼ ଛେଣ୍ଡିଆ ଗ୍ରାମ ପଞ୍ଚାୟତର ଖୁର୍ସେଲ ଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟି ଥିବା ଜଣା ପଡ଼ିଛି ।ପ୍ରକାଶ ଥାଉକି ଖୁର୍ସେଲ ଗୁଡା ଗ୍ରାମର ତୋଫାନ କଟୟ ୪୨ ଏବଂ ସେହି ଗ୍ରାମର ରାଜିନ୍ଦ୍ର କୁମାର ସା ୪୩ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା ।ଖବର ଏହାକି ତୋଫାନ କଟ । ରାଜିନ୍ଦ୍ର କୁମାର ସା ଙ୍କ ପରିବାରକୁ ଯାଇ ତାଙ୍କ ନାମରେ ପରିବାର ପାଖରେ ଲୋକଙ୍କ ପାଖରେ ଜମି ବନ୍ଧକ ଦେଉଛି ବୋଲି କହିବାରୁ ତୋଫାନ କଟା ଏବଂ ରାଜିନ୍ଦ୍ର ସା ଙ୍କ ମଧ୍ୟରେ କ୍ଷେତରେ ବହୁ ଯୁକ୍ତି ତର୍କ ହୋଇଥିଲା । ଏଥିରେ ରାଜିନ୍ଦ୍ର ସା ରାଗି ଯାଇ ଏକ ମାଂସ କଟା କାଠ ଫାଳିଆରେ ତୋଫାନ ର ମୁଣ୍ଡରେ ପ୍ରହାର କରିଥିଲା ।ପରେ ମୁଣ୍ଡରେ ବହୁତ ରକ୍ତ ସ୍ରାବ ଏବଂ ଚେତାଶୂନ୍ୟ ପରେ ତୋଫାନ କୁ ପରିବାର ଲୋକେ ଏକ ଆମ୍ବୁଲାନ୍ସ ଯୋଗେ ଜୁନାଗଡ଼ ଡାକ୍ତର ଖାନାକୁ ନେଇଥିଲେ । ସେ ଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀ ପାଟଣା ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା ।ଗତ ସୋମବାର ଦିନ ସକାଳେ ଏହି ଦୁର୍ଘଟଣା ଘଟିଥିବା ବେଳେ ସୋମବାର ଦିନ ଅପରାହ୍ନ ୩ ଟା ୪୫ ମିନିଟ ସମୟରେ ତୋଫାନ ଙ୍କର ଡାକ୍ତର ଖାନାରେ ମୃତ୍ୟୁ ହୋଇଥିଲା ।ଖବର ପାଇ ନିକଟସ୍ଥ ଚିଲିଗୁଡ଼ା ଫାଣ୍ଡି ଅଧିକାରୀ ସୁବୋଧ କୁମାର ଫୁଲ ଏବଂ କନେଷ୍ଟବଳ ଶଙ୍କର ଲାଲ ବାଗ ଖୁର୍ସେଲ ଗୁଡା ରେ ପହଞ୍ଚି ହତ୍ୟା କାରୀ ରାଜିନ୍ଦ୍ର କୁମାର ସା କୁ ଆଣି ଚିଲିଗୁଡ଼ା ଫାଣ୍ଡିରେ ଅଟକ ରଖି ଜୁନାଗଡ଼ ଥାନାକୁ ନେଇ ଆସିଥିଲେ । ମୃତ ତୋଫାନକର ସୋମବାର ଦିନ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗକୁ ହସ୍ତାନ୍ତର କରିଥିଲେ ।ଏନେଇ ଜୁନାଗଡ଼ ଥାନାରେ ଏକ କେଶ ରୁଜୁ କରି ହତ୍ୟା କରି ରାଜିନ୍ଦ୍ର କୁମାର ସା କୁ ଗିରଫ କରି ଆଜି କୋର୍ଟ ଚାଲାଣ କରି ଥିବା ଆ ଇଓ ତପନ କା ଲୋ ସୂଚନା ଦେଇଛନ୍ତି।

## ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ବାଣପୁର :( ମହାଭାରତ )ଆଜି ଗମ୍ଭାରୀମୁଣ୍ଡା ସ୍ଥିତ ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ପର୍ଶୁରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶଶୀଭୂଷଣ ସ୍ମୃତି କମିଟି ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଶିଷ୍ଟ ଜନନେତା ଶଶୀଭୂଷଣ ହରିଚନ୍ଦନ ଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ଭାବେ ଚିଲିକା ର୍ନିବାଚନ ମଣ୍ଡଳୀ ର ପୂର୍ବତନ ବିଧାୟକ ଡ଼ାଃ ବିଭୂତିଭୂଷଣ ହରିଚନ୍ଦନ,ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତଥା କବି ଶଶାଙ୍କ ଚୂଡ଼ାମଣି,ସମ୍ମାନିତ ଅତିଥି ଭାବେ ଚିଲିକା ବ୍ଲକ ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ବିଶିଷ୍ଟ ସମାଜସେବୀ ଡ଼ାଃ ସୁରେନ୍ଦ୍ର ନାଥ ଦାସ, ଶଶୀଭୂଷଣ ସ୍ମୃତି କମିଟି ର ସଭାପତି ଗୋଲକ ବିହାରୀ ପଟ୍ଟନାୟକ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରେମରାଜ ପ୍ରଧାନ ଯୋଗ ଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ବିଶିଷ୍ଟ ଜନନେତା ସ୍ୱର୍ଗତ ଶଶୀଭୂଷଣ ହରିଚନ୍ଦନ ଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ସ୍ମୃତି ଚାରଣ କରିଥିଲେୟଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେବା ସହ ଶୃଙ୍ଖଳିତ ଭାବରେ ଶିକ୍ଷା ଗ୍ରହଣ କରି ସମାଜରେ ପ୍ରତିଷ୍ଠିତ ହେବା ପାଇଁ ମାନ୍ୟବର ମନ୍ତ୍ରୀ ଉପଦେଶ ଦେବା ସହ ସ୍ୱର୍ଗତ ଶଶୀଭୂଷଣ ହରିଚନ୍ଦନ ଙ୍କ ଜନସେବା,ସମବାୟ କ୍ଷେତ୍ରରେ ତାଙ୍କ ଅନବଦ୍ୟ ଅବଦାନ ବିଷୟରେ ଅଭିଭାଷଣ ରଖିଥିଲେ।ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ହରିଚନ୍ଦନ ଙ୍କ ସୁପୁତ୍ର ବିଶିଷ୍ଟ ରାଜନୀତିଜ୍ଞ ଦୁଷ୍ମନ୍ତ ହରିଚନ୍ଦନ, ପୂର୍ବତନ ସରପ□ ରମେଶ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସତ୍ୟ ନାରାୟଣ ପାଲଟା ସିଂହ ଙ୍କ ସମେତ ବହୁ ବ୍ୟକ୍ତିବିଶେଷ ମାନେ ଯୋଗ ଦେଇଥିଲେ।

## ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ୩୩ ତମ ବାର୍ଷିକ ଉତ୍ସବ



ବାଣପୁର: ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟ ପରିସରରେ ୩୩ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି ।ଏହି ଉତ୍ସବରେ ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀ ଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣ ସିଂହ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ପୂର୍ବତନ ସଭାପତି ଡ଼ାଃ ସୁରେନ୍ଦ୍ର ନାଥ ପାତ୍ର, ପୂର୍ବତନ ସମ୍ପାଦକ ଜଗନ୍ନାଥ ଭୋଳ, ବିଜ୍ଞାପିତ ଅଞ୍ଚଳ ପରିଷଦ ଉପଧକ୍ଷା ପ୍ରାଚୀ ପ୍ରଭା ସ୍ୱାଇଁ, କାଉନସିଲର ରାସଲତା ଜେନା, ରଞ୍ଜନା ପ୍ରଧାନ, ଅଧାପିକା କଲ୍ୟାଣୀ ବୈରି ଗଞ୍ଜନ, ଅଧାପକ ପ୍ରଶାନ୍ତ କୁମାର ଦାଶ ଯୋଗ ଦେଇଥିଲେ । ବିଭିନ୍ନ କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ସହିତ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମହା ବିଦ୍ୟାଳୟ ର ପୁର୍ବତନ ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଲକ୍ଷ୍ମୀଧର ଭୋଳ ମରଣର ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ, ପୁର୍ବତନ ସଭାପତିଡ଼ଃ ସୁରେନ୍ଦ୍ର ନାଥ ପାତ୍ର, ପୁର୍ବତନ ଛାତ୍ରୀ ଓଏସ୍ ଶିବାନୀ ରାଉତ ଓ କ୍ରୀଡ଼ାବି କଳ୍ପଶ୍ରୀ ପ୍ରଧାନ ଙ୍କୁ ମାନପତ୍ର ଉପଢୌକନ ସହ ସମ୍ମାନୀତ କରାଯାଇଥିଲା । ସଭାର ପରିଶେଷରେ ଗ୍ରାମୀଣ ମହିଳା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଲୁଚି ରହି ଯାଉଥିବା କଳା ସଂସ୍କୃତି ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଜାତୀୟ କୃଷକ ଦିବସ ପାଳନ



ଯୋଡ଼ା/ବଡ଼ବିଲ (ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା / ବଡ଼ବିଲ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବଡ଼ ଉତ୍ସାହର ସହ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। କୃଷକମାନଙ୍କ କଠିନ ପରିଶ୍ରମ ଓ ସଫଳତାକୁ ସ୍ୱୀକୃତି ପ୍ରଦାନ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସଫଳ ଚାଷୀମାନଙ୍କୁ ପୁରସ୍କୃତ କରାଯାଇଥିଲା।ବଡ଼ବିଲ ୟୁନିଟର ଜନଜୀବିକା କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଡ଼ା ବ୍ଲକ କୃଷି ଅଧିକାରୀ ସଞ୍ଜୁକ୍ତା ମୁଣ୍ଡା, ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ବଡ଼ବିଲ ଭିଲେଜ ଏଗ୍ରିକଲ୍‌ଚୁରର ୱାର୍କର ଶ୍ରୀ ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ କୃଷକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଝର, କାଣ୍ଡା ଓ ଅସେଇକଳା ଅ□ଳର ୮୦ ଜଣ କୃଷକ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଶୀତକାଳୀନ ପରିବା, ଛତୁ ଓ ଅନ୍ୟାନ୍ୟ ପରିବା ପ୍ରଦର୍ଶିତ ହୋଇଥିଲାୟ ସେମାନଙ୍କ ମଧ୍ୟରୁ ୨୧ ଜଣ ଚାଷୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୀତକାଳୀନ ପରିବା ଚାଷ, ଶ୍ରୀ ଧାନ ଚାଷ, ଅଳସୀ ଚାଷ, ଛତୁ ଚାଷ, କନ୍ଦମୂଳ ଚାଷ, ଲାଖ ଚାଷ ବର୍ଗରେ କୃଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାସିଆ ଖଣି ଅଞ୍ଚଳର କୃଷକମାନଙ୍କୁ ନେଇ ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛ। ଭଦ୍ରାସାହି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭଦ୍ରାସାହି ଓ ସେରେଣ୍ଡା ପଞ୍ଚାୟତର ୧୦ଟି ଗ୍ରାମର କୃଷକ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ କାସିଆ ମାଇନ୍ସ ୟୁନିଟ ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ଏଚଆର ଏଣ୍ଡ ଇଏସ ମୁଖ୍ୟ ଶ୍ରୀ ଆଶିଷ ରଞ୍ଜନ ମହାନ୍ତି, ଭଦ୍ରାସାହି ସରପଞ୍ଚ ଶ୍ରୀମତୀ ପ୍ରମିଳା ନାଏକ ଓ ସେରେଣ୍ଡା ସରପ□ ଶ୍ରୀମତୀ ସସ୍ମିତା ସିଦ୍ଧୁ ଯୋଗଦେଇ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଏକ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୦ରୁ ଅଧିକ କୃଷକ ଯୋଗଦେଇଥିବା ବେଳେ ପନିପରିବା ଚାଷ, ଛତୁ ଚାଷ ଓ ଲାଖ ଚାଷରେ ଉତ୍କର୍ଷ ପାଇଁ ୩୦ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

## କେନ୍ଦ୍ର ଗୃହମନ୍ତ୍ରୀଙ୍କ ବହିଷ୍କାର ଦାବି କଲା କେନ୍ଦ୍ରାପଡା କଂଗ୍ରେସ




କେନ୍ଦ୍ରାପଡା,(ମହାଭାରତ): ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଦକରଙ୍କୁ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଲୋକସଭାରେ ଅସମ୍ମାନ କରିବାକୁ ନେଇ କେନ୍ଦ୍ରାପଡା କଂଗ୍ରେସ ତୀବ୍ର ନିନ୍ଦା କରିଛି । ପୃଥିବୀରେ ସମ୍ମାନ ପାଉଥିବା ଏବଂ ଦେଶରେ ପୂଜା ପାଉଥିବା ଦଳିତ, ନିଷ୍ପେଷିତ, ଶ୍ରମିକଙ୍କ ଭଗବାନ ଡ. ଆମ୍ବେଦକର ସମସ୍ତଙ୍କୁ ସମାନ ଅଧିକାର ସମ୍ବିଧାନରେ ଦେଇଛନ୍ତି । ତାଙ୍କୁ ଗୃହମନ୍ତ୍ରୀ ଅମିତ ଶାହା ଅସମ୍ମାନ କରିବା ଏକ ନିନ୍ଦନୀୟ କାର୍ଯ୍ୟ ହୋଇଥିବାରୁ ସେ ଦେଶବାସୀଙ୍କ ନିକଟରେ ଭୁଲ ମାଗନ୍ତୁ । ତାଙ୍କୁ ଗୃହମନ୍ତ୍ରୀ ପଦରୁ ବହିଷ୍କାର କରାଯାଉ ବୋଲି ପୂର୍ବତନ ବିଧାୟକ କଂଗ୍ରେସ ନେତ୍ରୀ ଡ. ସିପ୍ରା ମଲ୍ଲିକ ଆଜି ଜିଲ୍ଲା କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି । ଆଦାନୀ ବିରୁଦ୍ଧରେ ଆମେରିକା ସରକାର ୱାରେ□ ଜାରି କରିଥିବା ବେଳେ ବିଜେପି ସରକାର ତାଙ୍କୁ ସୁରକ୍ଷା ଦେଉଛି । ଏଥିପାଇଁ ସମ୍ବିଧାନ ସମ୍ପର୍କରେ ଆଲୋଚନା ସମୟରେ ଆମ୍ବେଦକରଙ୍କୁ ଅସମ୍ମାନ କରିବାକୁ ଗୃହମନ୍ତ୍ରୀ ପଛାଉ ନାହାଁନ୍ତି ବୋଲି ଡ. ମଲ୍ଲିକ କହିଥିଲେ । ଏଥିସହିତ କେନ୍ଦ୍ରାପଡା ଜିଲ୍ଲାରେ ତୁରନ୍ତ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ବିଜେପି ସରକାରର ଦୃଷ୍ଟି ଆକର୍ଷଣ କରିଛନ୍ତି । କେନ୍ଦ୍ରାପଡାରେ ପ୍ରବାହିତ ଗୋବରୀ ସଂପ୍ରସାରିତ କେନାଲର ଉନ୍ନତିକରଣ କରିବା ନାଁରେ ସଙ୍କୁଚିତ କରାଯାଇ ଡ୍ରେନେଜ୍‌ରେ ପରିଣତ କରାଯାଇଛି । ଏହି କେନାଲକୁ ଅତୀତରେ ନାଭିଗେସନ୍ ଭାବେ ବ୍ୟବହାର କରାଯାଉଥିଲା । ଏହାକୁ କଟକ ଜୋବ୍ରା କେନାଲ ଢଙ୍ଗରେ କରିବାକୁ ଡ. ମଲ୍ଲିକ ଦାବି କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଫକିର ଚରଣ ଖଟୁଆ, ଆଇନଜୀବୀ ବିଦୁଭୂଷଣ ମହାପାତ୍ର ଉପସ୍ଥିତ ରହି ଆଦାନୀର ଦୁର୍ନୀତି ଓ କେଳାଙ୍କାରୀକୁ ଲୁଚାଇବା ପାଇଁ ରାହୁଲ ଗାନ୍ଧୀଙ୍କ ପାଟିକୁ ବନ୍ଦ କରିବା ପାଇଁ ଲୋକସଭା ଭଳି ଏକ ମହାନ ଗୃହରେ ବିଜେପି ଗୁଣ୍ଡାଗିରି କରିବାକୁ ନିନ୍ଦା କରିଥିଲେ । ଗଣତନ୍ତ୍ର ମନ୍ଦିରରେ ଗୁଣ୍ଡାଗିରି କରୁଥିବା ସର୍ଦ୍ଦାର ଗୃହମନ୍ତ୍ରୀଙ୍କୁ ସରକାରରୁ ବହିଷ୍କାର କରାଯାଉ ବୋଲି ଦୁଇ କଂଗ୍ରେସ ନେତା ଦୃଢ ଦାବି କରିଥିଲେ । ଏହି ଦାବିକୁ ନେଇ ଏକ ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟସଭା ଅଧ୍ୟକ୍ଷଙ୍କ ନିକଟକୁ ପଠାଇଛନ୍ତି ।

ମହାଭାରତ
ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



### ଭାରତ ପାଖରେ ବାଂଲାଦେଶର ୟୁନିସ ସରକାରଙ୍କ ଦାବି

# ଶେଖ ହସିନାଙ୍କୁ ଫେରାଇ ଦିଅ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଦାବିରେ ବାଂଲାଦେଶ ଭାରତକୁ ଏକ ଚିଠି ଲେଖିଛି । ବାଂଲାଦେଶର ବୈଦେଶିକ ବ୍ୟାପାର ପରାମର୍ଶଦାତା ତାହିଦ୍ ହୁସେନ୍ କହିଛନ୍ତି ଯେ 'ଆମେ ଭାରତ ସରକାରଙ୍କୁ କହିଛୁ ଯେ ନ୍ୟାୟିକ ପ୍ରକ୍ରିୟା ପାଇଁ ଶେଖ ହସିନାଙ୍କୁ ବାଂଲାଦେଶକୁ ଫେରାଇଦିଅନ୍ତୁ ।' ସୋମବାର ଗୃହ ବ୍ୟାପାର ପରାମର୍ଶଦାତା ଜାହାଙ୍ଗୀର ଆଲାମ କହିଛନ୍ତି ଯେ ତାଙ୍କ ମନ୍ତ୍ରଣାଳୟ ବୈଦେଶିକ ମନ୍ତ୍ରଣାଳୟକୁ ଚିଠି ଲେଖି ପଳାୟନ କରିଥିବା ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତରୁ ଫେରାଇ ଆଣିବାକୁ ଦାବି କରିଛି । ୨୦୧୩ ରେ ଭାରତ ଏବଂ ବାଂଲାଦେଶ ସରକାରଙ୍କ ମଧ୍ୟରେ ପ୍ରତ୍ୟାର୍ପଣ ସମ୍ପର୍କରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ୨୦୧୩ ପରଠାରୁ ଭାରତ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା ଯେ ଅଭିଯୁକ୍ତ କିମ୍ବା ପଳାତକଏବଂ ବନ୍ଦୀମାନଙ୍କୁ ପରସ୍ପରକୁ 'ପ୍ରତ୍ୟର୍ପଣ ଅପରାଧ ମାମଲା'ରେ ହସ୍ତାନ୍ତର କରାଯିବ । ବାଂଲାଦେଶ ସରକାର କହିଛନ୍ତି ଯେ ଏହି ଚୁକ୍ତିନାମା ଅନୁଯାୟୀ ବାଂଲାଦେଶ ଏହାର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଦାବି କରୁଛି। ଅବଶ୍ୟ ଏହି ପ୍ରତ୍ୟର୍ପଣ ଚୁକ୍ତିନାମାର ଏକ ଧାରାରେ କୁହାଯାଇଛି ଯେ ଯଦି ପ୍ରତ୍ୟର୍ପଣ କରାଯିବାକୁ ଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ରାଜନୈତିକ ପ୍ରକୃତିର ଅଟେ, ତେବେ ଏହି ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇପାରିବ । ଭାରତ ଏବଂ ବାଂଲାଦେଶ ମଧ୍ୟରେ ପ୍ରତ୍ୟର୍ପଣ ଚୁକ୍ତି ରାଜନୈତିକ ମାମଲା ବ୍ୟତୀତ ଅପରାଧରେ ଜଡ଼ିତ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟର୍ପଣ ପାଇଁ ଅନୁମତି ଦେଇଥାଏ । ଏହି ଅପରାଧରେ ଆତଙ୍କବାଦ, ବୋମା ବିସ୍ଫୋରଣ, ହତ୍ୟା ଏବଂ ନିଖୋଜ ଭଳି ଅପରାଧ ସାମିଲ ଥିଲା। ତେବେ ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ବହୁ ହତ୍ୟା, ଲୁଟ୍ ଓ ଜାଲିଆତି ଅଭିଯୋଗ ଆସିଛି । ଏହା ବ୍ୟତୀତ ବାଂଲାଦେଶର ଏକ କମିଶନ ମଧ୍ୟ ଏହାର ଅନୁସନ୍ଧାନ ରିପୋର୍ଟରେ କିଛି ମୁଖ୍ୟ ଲୋକଙ୍କୁ ଲୁଚେଇଥିବା କିମ୍ବା ବାହାରକୁ ଲୁଚାଇଦେଇଥିବା ଅଭିଯୋଗ କରିଛନ୍ତି । 'ଅନ୍ଫୋଲ୍ଡିଂ ଦ ଟ୍ରୁଥ୍' ନାମକ ଏହି ରିପୋର୍ଟରେ ଶେଖ ହସିନା ବାଂଲାଦେଶର କିଛି ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱଙ୍କୁ ଗାଏବ କରିଥିବାର ଅଭିଯୋଗ ହୋଇଛି ।



# ଯୋଗୀଙ୍କୁ ଅଖିଳେଶଙ୍କ କଟାକ୍ଷ

**ଲକ୍ଷ୍ନୌ,୨୪।୧୨(ଏଜେନ୍ସି):** ସମାଜବାଦୀ ପାର୍ଟିର ସଭାପତି ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ସୋମବାର ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ସ୍ଥିତିକୁ ଟାର୍ଗେଟ କରି କହିଛନ୍ତି ଯେ 'ସହଜରେ ଅପରାଧ କରିବା'ରେ ଉତ୍ତରପ୍ରଦେଶ ଏବେ ଦେଶରେ ଏକ ନମ୍ବର ସ୍ଥାନରେ ରହିଛି । ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏସପି ମୁଖ୍ୟ ଲକ୍ଷ୍ନୌ ଏବଂ ସାହାରନପୁରରେ ହୋଇଥିବା ଚୋରି ଓ ଡକାୟତି ଘଟଣା ସମ୍ପର୍କରେ କହିଛନ୍ତି ଯେ, ସହଜରେ ଅପରାଧ ଘଟାଇବାରେ ୟୁପି ବର୍ତ୍ତମାନ ଏକ ନମ୍ବର ସ୍ଥାନରେ ରହିଛି । ଏହି ପୋଷ୍ଟରେ ଯାଦବ ରାଜ୍ୟ ରାଜଧାନୀର ଚିନହଟ ଅଞ୍ଚଳରେ ଥିବା ଏକ ବ୍ୟାଙ୍କରେ ବଡ଼ ଧରଣର ଡକାୟତିର ଫଟୋ ସେୟାର କରି କହିଛନ୍ତି, ଆଜିର ଏପିସୋଡ୍ ଲକ୍ଷ୍ନୌର ଓଭରସିଜ୍ ବ୍ୟାଙ୍କ, ଯେଉଁଠାରେ ଲକର କାଟି ମୂଲ୍ୟବାନ ସମ୍ପତ୍ତି ଚୋରି ହୋଇଛି । ଗତକାଲି ସାହାରନପୁରରେ ଏକ ବ୍ୟାଙ୍କ ଲୁଟ୍ ହୋଇଥିଲା । ଅଖିଳେଶ ସାହାରନପୁର ଡକାୟତିର ଭିଡିଓକୁ ଏକ ପୃଥକ ପୋଷ୍ଟରେ ସେୟାର କରିଛନ୍ତି । ଲକ୍ଷ୍ନୌରେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର ଚିନହଟ୍ ଶାଖାର କିଛି ଲକର ଭଙ୍ଗା ଯାଇଥିବା ବେଳେ ବହୁ ସାମଗ୍ରୀ ନିଖୋଜ ଥିବା ଜଣାପଡିଛି । ଲକ୍ଷ୍ନୌର ମଟିୟାରିରେ ଅବସ୍ଥିତ ଶାଖାରେ ଏହି ଚୋରି ହୋଇଥିଲା । ବ୍ୟାଙ୍କ ମ୍ୟାନେଜର ସନ୍ଦୀପ ସିଂ କହିଛନ୍ତି ଯେ, ସେ ସନ୍ଦେହ କରୁଛନ୍ତି ଚୋରମାନେ ବ୍ୟାଙ୍କର ଖାଲି ଜମି କାନ୍ଥରେ କଡ଼ କଣା କରି ବିଲଡିଂ ଭିତରେ ଚୋରି କରିଛନ୍ତି । ପୁଲିସ କହିଛି , ଏହି କାମରେ ଚାରି ଜଣ ଲୋକ ଜଡିତ ଥିବା ଜଣାପଡିଛି ।



# ପାଞ୍ଚଦିନିଆ ଆମେରିକା ଗସ୍ତରେ ଯିବେ ଏସ ଜୟଶଙ୍କର

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ପାଞ୍ଚ ଦିନିଆ ଆମେରିକା ଗସ୍ତରେ ଯାଉଛନ୍ତି । ଆସନ୍ତା ଡିସେମ୍ବର ୨୪ ତାରିଖରୁ ୨୯ ତାରିଖ ଯାଏ ସେ ଆମେରିକାରେ ଗସ୍ତ ରହିବା ସହିତ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ବନ୍ଧକୁ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଆମେରିକାରେ ଦ୍ୱିତୀୟ ଥର ଟ୍ରମ୍ପ ସରକାର ଆସିବା ପରେ ଭାରତ ପକ୍ଷରୁ ଏହା ପ୍ରଥମ ଉଚ୍ଚ-ସ୍ତରିୟ ବୈଠକ ହେବାକୁ ଯାଉଛି । ଏହି ଗସ୍ତରେ ଜୟଶଙ୍କର ଉଭୟଦେଶର ଦ୍ୱିପାକ୍ଷିକ ସମ୍ପର୍କ ସହ ଆଞ୍ଚଳିକ ଓ ବୈଶ୍ୱିକ ସମସ୍ୟାକୁ ନେଇ ଆଲୋଚନା କରିବାକୁ ଯାଉଛନ୍ତି ବୋଲି ସୂଚନା ରହିଛି । ଏହି ଆଲୋଚନାରେ ଭାରତ ଓ ଆମେରିକା ସମ୍ପର୍କକୁ ମଜବୁତ କରିବା ସହ ଉଭୟ ଦେଶ କିପରି ପାରସ୍ପରକୁ ବିଭିନ୍ନ କ୍ଷେତ୍ରରେ ସହଯୋଗ କରିପାରିବେ ତା ଉପରେ ଆଲୋଚନା ହେବ ବୋଲି ଆଶା କରାଯାଉଛି । ଏହି ଗସ୍ତ ଅବସରରେ ଜୟଶଙ୍କର ଆମେରିକାରେ ଭାରତର କନସୁଲ୍ ଜେନେରାଲ୍ସର ଏକ ସମ୍ମିଳନୀରେ ମଧ୍ୟ ଅଧ୍ୟକ୍ଷତା କରିବେ । ତେବେ ଆମେରିକାରେ ଟ୍ରମ୍ପ ସରକାର ଆସିବା ପରେ ସାରା ବିଶ୍ୱରେ ଏହାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି । ଏହି ସମୟରେ ଜୟଶଙ୍କର ଆମେରିକା ଗସ୍ତ କରୁଥିବାରୁ ଏହା ଉପରେ ସମସ୍ତଙ୍କ ନଜର ରହିଛି ।

# ଦୁର୍ଘଟଣାରେ ୬ ମୃତ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରେ ଏକ ହୃଦୟ ବିଦାରକ ଦୁର୍ଘଟଣା ଘଟିଛି । ସହରର ନେଲମଙ୍ଗଲା ଅଞ୍ଚଳରେ ଏକ ଭଲଭୋ କାର ଉପରେ ଏକ କଣ୍ଟେନର ଟ୍ରକ ଓଲଟି ପଡ଼ିବା କାରଣରୁ ୬ ଜଣଙ୍କର ମୃତ୍ୟୁ ଘଟିଛି । କୁହାଯାଉଛି କି କାରରେ ଏକ ଟେକ୍ କମ୍ପାନୀର ସିଇଓ ଥିଲେ, ଯିଏ ତାଙ୍କ ପରିବାର ସହିତ ବିଜୟପୁରକୁ ଯାଉଥିଲେ । ସୂଚନା ଅନୁଯାୟୀ, ଏହି ଦୁର୍ଘଟଣାରେ ସମସ୍ତ ୬ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣା ଯୋଗୁଁ କିଛି ସମୟ ପାଇଁ ରାସ୍ତା ଜାମ୍ ହୋଇଥିଲା । ଏହି ଘଟଣାରେ ଟ୍ରକର ଡ୍ରାଇଭରଙ୍କ ବିବୃତ୍ତି ମଧ୍ୟ ସାମ୍ନାକୁ ଆସିଛି । ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଟ୍ରକଟି କାର ଉପରେ ପଡିଯାଇଥିଲା ଯେଉଁଥିପାଇଁ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ ଏଥିରେ ବସିଥିବା ଲୋକଙ୍କ ମୃତଦେହ ମଧ୍ୟ କ୍ଷତବିକ୍ଷତ ହୋଇଯାଇଛି । ପୋଲିସ ଦେଇଥିବା ସୂଚନା ଅନୁଯାୟୀ ବେଙ୍ଗାଲୁରୁ ଉପକଣ୍ଠରେ ଥିବା ତାଲେକେର ନିକଟ ନେଲମଙ୍ଗାଲାରେ ଏହି ଦୁର୍ଘଟଣା ଘଟିଛି । ଏହି ଭୟଙ୍କର ଦୁର୍ଘଟଣା ଘଟାଇଥିବା ଟ୍ରକ ଡ୍ରାଇଭର ଆରିଫ୍ କହିଛନ୍ତି ଯେ,ମୋ ଟ୍ରକ୍ ସାମ୍ନାରେ ଏକ କାର୍ ଯାଉଥିଲା ଏବଂ କାର୍ ଡ୍ରାଇଭର ହଠାତ ବ୍ରେକ୍ ଲଗାଇଥିଲେ । ଯେଉଁଥିପାଇଁ ମୁଁ ମୋ ଗାଡିର ନିୟନ୍ତ୍ରଣ ।

## ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା, ୧୦ ମୃତ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା ।ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବିମାନରେ ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଦକ୍ଷିଣବ୍ରାଜିଲ ଗ୍ରାମାଡୋରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ଘନ କୁହୁଡ଼ି ଯୋଗୁଁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ବିମାନ ଉଡାଣର ଅଳ୍ପ ସମୟ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ଜଣେ ବ୍ୟବସାୟୀ କ୍ରିସମାସ ପାଳନ ପାଇଁ ନିଜ ପରିବାର ସହ ଯାଉଥିଲେ । ହେଲେ ଶୋକରେ ପରିଣତ ହେଲା କ୍ରିସମାସ ଖୁସି । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୧୦ ଜଣଙ୍କ ମୃତ୍ୟୁ ହୋଇଛି । ବିମାନଟି ପ୍ରଥମେ ଗୋଟିଏ ଘରର ଚିମନିରେ ମାଡ଼ ହୋଇଥିଲା । ପରେ ଗୋଟିଏ ବିଲ୍ଡିଂର ଦ୍ୱିତୀୟ ମହଲାରେ ମାଡ଼ ହୋଇ ଏକ ଫର୍ଣ୍ଣିଚର ଦୋକାନ ଉପରେ ପଡ଼ିଥିଲା । ଏହି ଦୁର୍ଘଟଣାରେ ସେଠାରେ ଥିବା ପ୍ରାୟ ୧୭ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେମାନଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି ।

# ପରିବେଶ ପାଇଁ ଠିକ୍ ନୁହେଁ ଇଲେକ୍ଟ୍ରିକ୍ ଗାଡି: ଜଗି ବାସୁଦେବି

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଯେବେ ଭାରତରେ ପେଟ୍ରୋଲ ଓ ଡିଜେଲ ଗାଡ଼ି ଗୁଡ଼ିକର ସ୍ଥାନରେ ଇଲେକ୍ଟ୍ରିକ ଗାଡ଼ିକୁ ଆପଣାଇବା ଆଲୋଚନା ଚାଲିଛି , ସେତେବେଳେ ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ଜଗି ବାସୁଦେବ ଏକ ଅଲଗା ଦୃଷ୍ଟିକୋଣରରେ ଏହି କଥା କହିଛନ୍ତି । ତାଙ୍କର କହିବାନୁସାରେ,ଇଲେଟ୍ରିକ୍ ଗାଡ଼ିରେ ପ୍ରଦୂଷଣ ହ୍ରାସ କରିବା ସମ୍ଭବ ନୁହେଁ । ବିଶେଷକରି ସେପର୍ଯ୍ୟନ୍ତ ଯେବେ ଯାଏ ଦେଶ ବିଦ୍ୟୁତ ଉତ୍ପାଦନ ପାଇଁ କୋଇଲା ଓ ଡିଜେଲ ଉପରେ ନିର୍ଭରଶୀଳ । ଏଚଟି ଅଟୋର ଏକ ରିପୋର୍ଟ ମୁତାବିକ, ଚିକ୍କବଲ୍ଲାପୁରରେ ୨୨ଡିସେମ୍ବରରେ ଏକ କାର୍ଯ୍ୟକ୍ରମ ବେଳେ ଇଶା ଫାଇଣ୍ଡେସନର ସଂସ୍ଥାପକ ଜଗି ବାସୁଦେବ କହି ଥିଲେ, ଇଲେକ୍ଟ୍ରିକ୍ ଗାଡ଼ିକୁ ପ୍ରଦୂଷଣ ହ୍ରାସ କରିବାର ଉଦ୍ଦେଶ୍ୟକୁ ଭାବିବା ବ୍ୟର୍ଥ , ଯେପର୍ଯ୍ୟନ୍ତ ବିଦ୍ୟୁତ ଉତ୍ପାଦନର ମୁଖ୍ୟ ଉତ୍ସ କୋଇଲା ଓ ଅନ୍ୟ ଜୀବାଶ୍ମ ଇନ୍ଧନ ହିଁ ଜାରି ରହିବ । ସେ କହିଛନ୍ତି କି ଇଭିରୁ ଧୂଆଁ ବାହାରି ନଥାଏ , ଏହା ସହର ବଜାର ପାଇଁ ଭଲ । ହେଲେ ପର୍ଯ୍ୟାବରଣର ଦୀର୍ଘକାଳିନ ସ୍ୱାସ୍ଥ୍ୟ ପାଇଁ ଏହା ଫଳପ୍ରଦ ନୁହେଁ । ଭାରତରେ ପ୍ରତି ବର୍ଷ ପାଖାପାଖି ୫୦ ପ୍ରତିଶତ ବିଦ୍ୟୁତ କୋଇଲାରୁ ଉତ୍ପନ୍ନ ହୋଇ ଥାଏ, ଯାହାକି ଡିଜେଲର ଯୋଗଦାନ ବହୁତ ହିଁ ସାମାନ୍ୟ । ଏହାର ତୁଳନାରେ ପବନ, ସୌର ଓ ଜଳ ବିଦ୍ୟୁତ ଭଳି ପର୍ଯ୍ୟାବରଣର ଅନୁକୂଳ ବିକଳ୍ପର ଯୋଗଦାନ ୪୧ପ୍ରତିଶତ ରହିଛି । ବାସୁଦେବଙ୍କର ଏହି ବୟାନ ଏକ ପୁରୁଣା ଯୁକ୍ତିକୁ ପୁଣି ଥରେ ଉଜାଗର କରିଛି । ଇଲେକ୍ଟ୍ରିକ୍ ଗାଡ଼ି ସେପର୍ଯ୍ୟନ୍ତ ପର୍ଯ୍ୟାବରଣର ଅନୁକୂଳ ହୋଇ ପାରିବ ନାହିଁ , ଯେପର୍ଯ୍ୟନ୍ତ ତାର ବ୍ୟାଟେରୀର ନିର୍ମାଣ ଓ ବିଦ୍ୟୁତର ଉତ୍ସ ପ୍ରଦୂଷଣ ମୁକ୍ତ ନୁହେଁ । ବ୍ୟାଟେରୀ ଆଦିରେ ବ୍ୟବହୃତ ହେଉଥିବା ଖଣିଜ ଓ ଏହାର ନିର୍ମାଣ ମଧ୍ୟ ପରିବେଶ ଉପରେ ନକାରାତ୍ମକ ପ୍ରଭାବ ପକାଇ ଥାଏ । ଏହା ବ୍ୟତୀତ କୋଇଲାରୁ ଉତ୍ପନ୍ନ ବିଦ୍ୟୁତର ବ୍ୟବହାର ଇଭି ଚାର୍ଜିଂ ପାଇଁ କରାଯାଏ , ଯାହା ପରିବେଶ ପ୍ରଦୂଷଣକୁ ଜାରି ରଖି ଥାଏ । ସବୁଠୁ ମଜାଦାର କଥା ଏହା କି ଜଗି ବାସୁଦେବ ନିଜେ ଜଣେ ଅଟୋମୋବାଇଲ ପ୍ରେମୀ ଏବଂ ତାଙ୍କ ପାଖରେ ଅନେକ ଲଗଜରୀ ଗାଡ଼ି ଓ ବାଇକ୍ସ ରହିଛି,ଯାହା ପେଟ୍ରୋଲ ଓ ଡିଜେଲରେ ଚାଲିଥାଏ ।

## ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା, ୧୦ ମୃତ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ବ୍ରାଜିଲରେ ଭୟଙ୍କର ବିମାନ ଦୁର୍ଘଟଣା ।ଦୁର୍ଘଟଣାରେ ୧୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବିମାନରେ ଥିବା ସମସ୍ତ ଯାତ୍ରୀଙ୍କର ମୃତ୍ୟୁ ହୋଇଛି । ଦକ୍ଷିଣବ୍ରାଜିଲ ଗ୍ରାମାଡୋରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ । ଘନ କୁହୁଡ଼ି ଯୋଗୁଁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି। ସୂଚନା ଅନୁଯାୟୀ, ବିମାନ ଉଡାଣର ଅଳ୍ପ ସମୟ ମଧ୍ୟରେ ଏହି ଦୁର୍ଘଟଣା ଘଟିଥିଲା । ଜଣେ ବ୍ୟବସାୟୀ କ୍ରିସମାସ ପାଳନ ପାଇଁ ନିଜ ପରିବାର ସହ ଯାଉଥିଲେ । ହେଲେ ଶୋକରେ ପରିଣତ ହେଲା କ୍ରିସମାସ ଖୁସି । ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ୧୦ ଜଣଙ୍କ ମୃତ୍ୟୁ ହୋଇଛି । ବିମାନଟି ପ୍ରଥମେ ଗୋଟିଏ ଘରର ଚିମନିରେ ମାଡ଼ ହୋଇଥିଲା ।

# ବିଭାଗ ବଣ୍ଟନକୁ ନେଇ ମହାୟୁତିରେ ଅସନ୍ତୋଷ

ମୁମ୍ବାଇ,୨୪।୧୨: ମହାରାଷ୍ଟ୍ରରେ ସରକାର ଗଠନ କରିଥିବା ମହାୟୁତି ମେଣ୍ଟରେ ଏବେ ବି ରହିଛି ଅସନ୍ତୋଷ। ପ୍ରଥମେ ମୁଖ୍ୟମନ୍ତ୍ରୀ ପଦ ଓ ପରେ ମନ୍ତ୍ରୀମଣ୍ଡଳକୁ ନେଇ ଟଣାଓଟରା ହେବା ପରେ ଏବେ ବିଭାଗ ବଣ୍ଟନକୁ ନେଇ ମେଣ୍ଟରେ ଆରମ୍ଭ ହୋଇଛି ଆଭ୍ୟନ୍ତରୀଣ କନ୍ଦଳ। ଏହି କଥାକୁ ଖୋଦ ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର ମଧ୍ୟ ସ୍ୱୀକାର କରିଛନ୍ତି। ଶନିବାର ରାତିରେ ଦେବେନ୍ଦ୍ର ଫଡନାବିସଙ୍କ ସରକାରରେ ମନ୍ତ୍ରୀମଣ୍ଡଳ ବିଭାଗ ବଣ୍ଟନ ହୋଇଥିବାବେଳେ ଏଥିରେ ମେଣ୍ଟର କିଛି ନେତା ଅସନ୍ତୁଷ୍ଟ ଥିବା କହିଛନ୍ତି ଅଜିତ ପାୱାର।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଅଜିତ କହିଛନ୍ତି ଯେହେତୁ କ୍ୟାବିନେଟରେ ମନ୍ତ୍ରୀମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ସମସ୍ତଙ୍କୁ ଗୋଟିଏ ଲେଖାଏଁ ବିଭାଗ ଦେଲେ ତେଣୁ ନିଶ୍ଚିତ ଭାବରେ କିଛି ଏଥିରେ ଖୁସି ଥିବାବେଳେ କିଛି ଖୁସି ନାହାନ୍ତି ଆ।ଜି ନିଜ ନିର୍ବାଚନ ମଣ୍ଡଳୀ ବାରାମତିରେ ରୋଡ ଶୋ କରିବା ସହ ବିଭିନ୍ନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଅର୍ଥ ବିଭାଗ ହାତେଇଥିବା ଜୁନିୟର ପାୱାର ସୋମବାର ଦାୟିତ୍ୱ ଗ୍ରହଣ କରିବେ ବୋଲି ଯୋଜନା ଥିବା କହିଛନ୍ତି ଏହାପରେ ପ୍ରାଥମିକତା ଭିତ୍ତିରେ ବାକି ରହିଥିବା କାର୍ଯ୍ୟଗୁଡ଼ିକୁ ସାରିବାକୁ ସେ କହିଥିଲେ ।ଅଜିତ ପାୱାର କହିଥିଲେ ଯେ ମନ୍ତ୍ରୀମାନେ ସେମାନଙ୍କୁ ମିଳିଥିବା ବିଭାଗର ଦାୟିତ୍ୱ ନେବା ପୂର୍ବରୁ ସେମାନଙ୍କ ସ୍ଥାନୀୟ ଅଞ୍ଚଳର ସମସ୍ୟା ବିଷୟରେ ଜାଣିବା ପାଇଁ ନିଜ ନିଜ ନିର୍ବାଚନ ମଣ୍ଡଳୀ ବୁଲୁଛନ୍ତି ମହାରାଷ୍ଟ୍ର ବିଧାନସଭାର ବଜେଟ ଅଧିବେଶନ ଆସନ୍ତା ବର୍ଷ ମାର୍ଚ୍ଚ ୩ରୁ ଆରମ୍ଭ ହେବ ବୋଲି ସେ କହିଛନ୍ତି ଏଥିପାଇଁ ବଜେଟ ପ୍ରସ୍ତୁତି ସମୟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ଓ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ପରାମର୍ଶ ନେବେ ବୋଲି କହିଛନ୍ତି ଅଜିତ ପାୱାର।

ମହାରାଷ୍ଟ୍ରର ନବଗଠିତ କ୍ୟାବିନେଟରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ନିଜ ପାଖରେ ଗୃହ, ଅରଇନ, ଶକ୍ତି, ସାଧାରଣ ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ରଖିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଭଳି ବିଭାଗରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେପଟେ ଅନ୍ୟତମ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କୁ ଅର୍ଥ, ଯୋଜନା, ଓ ଅବକାରୀ ଭଳି ବିଭାଗ ମିଳିଛି ।ଶନିବାର ରାତିରେ ଏହି ବିଭାଗ ବଣ୍ଟନ କରିଥିଲେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ୍।



# ୟୁକ୍ରେନକୁ ଧମକ ଦେଲେ ପୁଟିନ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ରୁଷର ସହର କାଜାନ ଉପରେ ଡ୍ରୋନ୍ ଆକ୍ରମଣର ଜବାବରେ କହିଛନ୍ତି ଯେ ୟୁକ୍ରେନକୁ ଅଧିକ ବିନାଶ ଭୋଗିବାକୁ ପଡିବ। ରୁଷ ୟୁକ୍ରେନ ଉପରେ ଅଭିଯୋଗ କରି କହିଛି ଯେ କାଜାନରେ ଏକ ବିଳାସପୂର୍ଣ୍ଣ ଆପାର୍ଟମେଣ୍ଟ ବ୍ଲକକୁ ଟାର୍ଗେଟ କରି ବଡ ଧରଣର ଡ୍ରୋନ୍ ଆକ୍ରମଣ କରିଛି। ଏହି ଆପାର୍ଟମେଣ୍ଟ ସୀମାଠାରୁ ପ୍ରାୟ ଏକ ହଜାର କିଲୋମିଟର ଦୂରରେ ଅବସ୍ଥିତ।

ଆଜି ଏକ ସରକାରୀ ବୈଠକରେ ପୁଟିନ କହିଛନ୍ତି ଯେ, ଯିଏ ଏବଂ ସେମାନେ କେତେ ଧ୍ୱଂସ କରିବାକୁ ଚେଷ୍ଟା କରୁଛନ୍ତି, ସେମାନେ ନିଜେ ଅନେକ ଥର ଅଧିକ ବିନାଶର ସମ୍ମୁଖୀନ ହେବେ ଏବଂ ସେମାନେ ଆମ ଦେଶ ପାଇଁ ଯାହା କରିବାକୁ ଚେଷ୍ଟା କରୁଛନ୍ତି ସେଥିପାଇଁ ଅନୁତାପ କରିବେ। ସେମାନଙ୍କୁ ଏହାଠାରୁ ବଡଧରଣର ପରିଣାମ ଭୋଗିବାକୁ ପଡିବ।

ଉଲ୍ଲେଖ ଥାଉ କି ଗତକାଲି ୟୁକ୍ରେନ ରୁଷର କାଜାନ୍ ସହର ଉପରେ ଭୟାବହ ଆକ୍ରମଣ କରିଥିଲା। କାଜାନ୍‌ରେ ଗତକାଲି ସକାଳେ ଏକାଧିକ ଶକ୍ତିଶାଳୀ ବିସ୍ଫୋରକ ବାହକ ଡ୍ରୋନ୍ କେତେକ ବିଶାଳ କୋଠା ଉପରେ ଆକ୍ରମଣ କରିଥିଲା । ଏଥିରେ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ରୁଷର ପ୍ରତିରକ୍ଷା ବ୍ୟବସ୍ଥାକୁ ଚକ୍ମା ଦେଇ କାଜାନ ସହରରେ ୩ଟି କାମିକାଜେ ଡ୍ରୋନ୍ ଆବାସିକ ଉଚ୍ଚ କୋଠା ଉପରେ ଆକ୍ରମଣ କରିଥିଲା ଓ ଅନ୍ୟ ୫ଟି ଡ୍ରୋନ୍ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିଥିଲା ବିଶାଳ କୋଠାଗୁଡ଼ିକରେ ବିସ୍ଫୋରଣର ଦୃଶ୍ୟ ଆମେରିକାର ନ୍ୟୁୟର୍କରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣ (୯/୧୧)ର ଭ୍ରମ ସୃଷ୍ଟି କରିଥିଲା ।



# ପଶ୍ଚିମବଙ୍ଗରୁ ସନ୍ଦିଗ୍ଧ କଶ୍ମୀରୀ ଆତଙ୍କବାଦୀ ଗିରଫ

ଦକ୍ଷିଣ ୨୪ ପ୍ରଗଣା,୨୪।୧୨(ଏଜେନ୍ସି): ଜମ୍ମୁ କଶ୍ମୀର ଏସଟିଏଫ ଓ ପଶ୍ଚିମବଙ୍ଗ ପୋଲିସ ମିଳିତ ଅଭିଯାନ ଚଳାଇ ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର କୈନିଙ୍ଗ ହସ୍ପିଟାଲ ଅଂଚଳରୁ ଶନିବାର ରାତିରେ ଜଣଙ୍କୁ ଆତଙ୍କବାଦୀ ଗତିବିଧିରେ ସାମିଲ ଥିବା ସନ୍ଦେହରେ ଗିରଫ କରିଛି । ରବିବାର ପୋଲିସ ପକ୍ଷରୁ କୁହାଯାଇଛି ଯେ, ଗିରଫ ବ୍ୟକ୍ତିଙ୍କ ନାମ ଜାଭେଦ ମୁନସୀ ଓ ସେ ମୂଳତଃ କଶ୍ମୀର ଶ୍ରୀନଗରର ବାସିନ୍ଦା ଅଟେ । ସେ ଆତଙ୍କବାଦୀ ସଙ୍ଗଠନ ତହରିକ-ଇଲ-ମୁଜାହିଦିନର ସଦସ୍ୟ ଅଟେ ।

ଜାଭେଦ ମୁନ୍ସି ଜଣେ ଦୁର୍ଦ୍ଦାନ୍ତ ଆଇଇଡି ବିଶେଷଜ୍ଞ ଏବଂ ଅସ୍ତ୍ରଶସ୍ତ୍ର ଅପରେଟର। ୨୦୧୧ରେ ଆହଲ-ଏ-ହାଦିସ୍ ନେତା ଶୌକତ ଶାହାଙ୍କ ହତ୍ୟା ଘଟଣାରେ ସେ ସମ୍ପୃକ୍ତ ଥିଲା। ଆତଙ୍କବାଦ ସଂକ୍ରାନ୍ତ ଅଭିଯୋଗରେ ସେ ଅନେକ ଜେଲ୍ ଦଣ୍ଡ ମଧ୍ୟ ଭୋଗିଛି ପଚରାଉଚରା ବେଳେ ମୁନ୍ସି ସ୍ୱୀକାର କରିଥିଲା ଯେ ସେ ତାଙ୍କ ହେଣ୍ଡଲରମାନଙ୍କ ନିର୍ଦ୍ଦେଶରେ ନକଲି ପାକିସ୍ତାନୀ ପାସପୋର୍ଟରେ ବାଂଲାଦେଶ, ନେପାଳ ଓ ପାକିସ୍ତାନ ଯାଇଥିଲା ।ପୁଲିସର କହିବା ଅନୁସାରେ ତେହରିକ-ଇ-ମୁଜାହିଦ୍ଦିନକୁ ପାକିସ୍ତାନଠାରୁ ନିୟନ୍ତ୍ରିତ କରାଯାଏ ଏବଂ କଶ୍ମୀର, ପାକିସ୍ତାନ ଓ ବାଂଲାଦେଶର ଅନ୍ୟ ଆତଙ୍କବାଦୀ ସଂଗଠନ ସହ ଏହାର ସମ୍ପର୍କ ରହିଛି ।



# ତୁଷ୍ଟୀକରଣ ପାଇଁ ବୟାନ ଦେଉଛନ୍ତି ମୋହନ ଭାଗବତ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ମନ୍ଦିର-ମସଜିଦ୍ ବିବାଦ ଦିନକୁ ଦିନ ନୂଆ ମୋଡ଼ ନେଉଛି । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ କିଛିଦିନ ତଳେ ଏ ନେଇ ଉପୁଜିଥିବା ନୂଆ ବିବାଦକୁ ନେଇ ଏକ ମନ୍ତବ୍ୟ ଦେଇଥିଲେ। ମୋହନ ଭାଗବତ କହିଥିଲେ ଯେ ରାମ ମନ୍ଦିର ନିର୍ମାଣ ପରେ କିଛି ଲୋକ ଅନୁଭବ କରନ୍ତି ଯେ ସେମାନେ ନୂତନ ସ୍ଥାନରେ ସମାନ ପ୍ରସଙ୍ଗ ଉଠାଇ ହିନ୍ଦୁଙ୍କ ନେତା ହୋଇପାରିବେ, ଏହା ଗ୍ରହଣୀୟ ନୁହେଁ । କିନ୍ତୁ ଏହାକୁ ନେଇ ବିଭିନ୍ନ ମହଲରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି । ମୁସଲିମ ଧର୍ମଗୁରୁମାନେ ଏହାକୁ ସମର୍ଥନ କରିଥିବାବେଳେ ହିନ୍ଦୁମାନଙ୍କ ମଧ୍ୟରେ ଏହାକୁ ବିରୋଧ କରାଯାଉଛି । ହିନ୍ଦୁ ଧର୍ମଗୁରୁ ରାମଭଦ୍ରାଚାର୍ଯ୍ୟ ଆରଏସଏସ ଏବଂ ଭାଗବତଙ୍କ ବିରୋଧରେ ବଡ଼ ଅଭିଯୋଗ ଆଣିଛନ୍ତି। ରାମ ମନ୍ଦିର ନିର୍ମାଣରେ ସଂଘର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି । ସଂଘ ନଥିବା ବେଳେ ମଧ୍ୟ ହିନ୍ଦୁଧର୍ମ ରହିଥିଲା । ରାମ ମନ୍ଦିର ଆନ୍ଦୋଳନରେ ସେମାନଙ୍କର କୌଣସି ଭୂମିକା ନାହିଁ, ଇତିହାସ ଏହାର ସାକ୍ଷୀ ବୋଲି ସେ କହିଛନ୍ତି। ରାମଭଦ୍ରାଚାର୍ଯ୍ୟ ମଧ୍ୟ ରାମ ମନ୍ଦିରକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି । ରାମ ମନ୍ଦିର ନିର୍ମାଣରେ ସଂଘର କୌଣସି ଭୂମିକା ନାହିଁ ବୋଲି ସେ କହିଛନ୍ତି । ସଂଘ ନଥିବା ବେଳେ ମଧ୍ୟ ହିନ୍ଦୁଧର୍ମ ରହିଥିଲା । ରାମ ମନ୍ଦିର ଆନ୍ଦୋଳନରେ ସେମାନଙ୍କର କୌଣସି ଭୂମିକା ନାହିଁ, ଇତିହାସ ଏହାର ସାକ୍ଷୀ । ଆମେ ସାକ୍ଷ୍ୟ ଦେଇଥିଲୁ, ଆମେ ୧୯୮୪ ରୁ ଲଢ଼ିଥିଲୁ, ଏଥିରେ ଆରଏସଏସର କୌଣସି ଭୂମିକା ନାହିଁ । ସମ୍ଭଲରେ ଆରମ୍ଭ ହୋଇଥିବା ମନ୍ଦିର-ମସଜିଦ ବିବାଦ ଉପରେ ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ଆମେ ଆମର ଅତୀତ ଚାହୁଁଛୁ, ସହଅସ୍ତିତ୍ୱର ଅର୍ଥ ସମସ୍ତେ ନିଜ ଧର୍ମ ଅନୁସରଣ କରନ୍ତୁ, ଯଦି ସେମାନେ ଆମର ମନ୍ଦିର ଭାଙ୍ଗିଛନ୍ତି, ତେବେ ଆମକୁ ମନ୍ଦିର ଦରକାର ।

ରାମଭଦ୍ରାଚାର୍ଯ୍ୟ କହିଛନ୍ତି ଯେ ମୋହନ ଭାଗବତ ହିନ୍ଦୁମାନଙ୍କର ଅନୁଶାସକ ହୋଇପାରିବେ ନାହିଁ, ଧର୍ମାଚାର୍ଯ୍ୟ ସେମାନଙ୍କର ଅନୁଶାସକ ହୋଇପାରନ୍ତି । ମୋହନ ଭାଗବତ ହିନ୍ଦୁ ଧର୍ମ ବିଷୟରେ ଅଧିକ ଜାଣନ୍ତି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଧର୍ମ ଅନୁସରଣ କରିବାର ଅଧିକାର ରହିଛି । ତାଙ୍କର ଏହି ବୟାନ ଦୁର୍ଭାଗ୍ୟଜନକ । ସେ ତୁଷ୍ଟୀକରଣ ପାଇଁ ଏପରି ବୟାନ ଦେଉଛନ୍ତି ।



## କାଜାନ ଉପରେ ଡ୍ରୋନ୍ ଆକ୍ରମଣର ପରିଣାମ ୟୁକ୍ରେନକୁ ଭୋଗିବାକୁ ପଡିବ: ପୁଟିନ

**ନୂଆଦିଲ୍ଲୀ,୨୪।୧୨(ଏଜେନ୍ସି):** ଜେଲେନସ୍କିକୁ ଉଚିତ ଜବାବ ଦେବେ ପୁଟିନ । ରୁଷର କାଜାନ ସହରରେ ୟୁକ୍ରେନର ଆକ୍ରମଣ ଘଟଣା ପରେ ପ୍ରଥମ ପ୍ରତିକ୍ରିୟାରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ କହିଛନ୍ତି ଯେ, କାଜାନ ଉପରେ ଡ୍ରୋନ୍ ଆକ୍ରମଣର ପରିଣାମ ୟୁକ୍ରେନକୁ ଭୋଗିବାକୁ ପଡିବ। ରୁଷର କାଜାନରେ ଏକ ଆପାର୍ଟମେଣ୍ଟକୁ ଟାର୍ଗେଟ କରି ହମଲା କରିଥିଲା ୟୁକ୍ରେନ । ଡ୍ରୋନ୍ ଆକ୍ରମଣରେ ଆପାର୍ଟମେଣ୍ଟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ପ୍ରାୟ ହଜାରେ କିଲୋମିଟର ଦୂରକୁ ଟାର୍ଗେଟ କରି ଏହି ମାଡ଼ କରିଥିଲା ୟୁକ୍ରେନୟ ତେବେ ଏଥିଲାଗି ୟୁକ୍ରେନକୁ ଭୟଙ୍କର ପରିସ୍ଥିତିର ସାମ୍ନା କରିବାକୁ ପଡିବ । କାଜାନ ଆକ୍ରମଣ ତୁଳନାରେ ଅଧିକରୁ ଅଧିକ କ୍ଷତି ସହିବାକୁ ପଡିବ ବୋଲି କହିଛନ୍ତି ପୁଟିନ । ରୁଷର କାଜାନ୍ ସହର ଉପରେ ଭୟାବହ ଆକ୍ରମଣ କରିଥିଲା ୟୁକ୍ରେନ । ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ଭୀଷଣ ଅଗ୍ନିକାଣ୍ଡ ଯୋଗୁଁ ବ୍ୟାପକ କ୍ଷତି ଘଟିଥିଲା । କାଜାନ ସହରରେ ୩ଟି କୋଠା ଉପରେ ଆକ୍ରମଣ କରିଥିଲା ୟୁକ୍ରେନ । ବିଶାଳ କୋଠାଗୁଡ଼ିକର ବିସ୍ଫୋରଣର ଦୃଶ୍ୟ ଆମେରିକାର ନ୍ୟୁୟର୍କରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ହୋଇଥିବା ଆକ୍ରମଣ ୯/୧୧ର ସଦୃଶ ଥିଲା ।

## ବେଦାନ୍ତ ଆଇରନ ଓର୍ ଓଡ଼ିଶା ଆଇ କେୟାର ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତା

**ଭୁବନେଶ୍ୱର,୨୪।୧୨ (ମହାଭାରତ):** ବେଦାନ୍ତ ଆଇରନ ଓର୍ ଓଡିଶା (ଆଇଓଓ) ପ୍ରଭାବଶାଳୀ ସ୍ୱାସ୍ଥ୍ୟସେବା ମାଧ୍ୟମରେ ଗୋଷ୍ଠୀଙ୍କୁ ପରିବର୍ତ୍ତନ କରିବାର ମିଶନ ଜାରି ରଖିଛି। ଏହା ଦ୍ୱାରା ଗତ ସପ୍ତାହରେ ବିଭିନ୍ନ ଗ୍ରାମ ତଥା ଗୋଷ୍ଠୀର ପ୍ରାୟ ୧୦୦୦ ଜଣ ଉପକୃତ ହୋଇ ପାରିଛନ୍ତି। ଏକ ବ୍ୟାପକ ଚକ୍ଷୁ ଚିକିତ୍ସା ଶିବିର ଠାରୁ ଆରମ୍ଭ କରି ଏକ ଗର୍ଭାଶୟ କର୍କଟ ସଚେତନତା ଅଧିବେଶନ ପଦକ୍ଷେପଗୁଡ଼ିକ ବେଦାନ୍ତ ପକ୍ଷରୁ ସମାଜକୁ ଫେରାଇବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଚକ୍ଷୁ ଯତ୍ନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଅନ୍ତର୍ଗତ ଆଇଓଓ ପକ୍ଷରୁ ଆଇନୋଭେସନ ଆଇୱେର ପ୍ରା. ଲିମିଟେଡ୍‌ର ମିଳିତ ସହଯୋଗରେ ଏକାଧିକ ସ୍ଥାନରେ ଏକ ସାତ ଦିନିଆ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରି ୭୫୦ରୁ ଅଧିକ ବ୍ୟକ୍ତିବିଶେଷଙ୍କର ସ୍କ୍ରିନିଂ କରାଯାଇ ୪୫୦ରୁ ଅଧିକ ଲୋକଙ୍କୁ ମାଗଣା ଚଷମା ବଂଟନ କରାଯାଇଛି। ସମସ୍ତଙ୍କୁ ଚିକିତ୍ସା ସେବା ଯୋଗାଇବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ। ନାଡିଡିହିର ଗୋଷ୍ଠୀ ମଣ୍ଡପରେ ନେତା, ଗୋଷ୍ଠୀର ବରିଷ୍ଠ ସଦସ୍ୟ, ସ୍ଥାନୀୟ ନେତା ଏବଂ ବେଦାନ୍ତ କର୍ମଚାରୀଙ୍କ ସମେତ ପ୍ରମୁଖ ହିତାଧିକାରୀଙ୍କ ଉପସ୍ଥିତିରେ ଏହି ପଦକ୍ଷେପ ଆରମ୍ଭ ହୋଇଥିଲା। କୋଇଡା ପୋଲିସ ଷ୍ଟେସନ ଏବଂ ପଂଚାୟତ କାର୍ଯ୍ୟାଳୟରେ ଶେଷ ଦିନରେ ବିଡିଓ ସୁଶ୍ରୀ ରଶ୍ମୀ ରେଖା ପାତ୍ର ଏବଂ ସରପଂଚ ସୁଶ୍ରୀ ରାନୀ ଲୋହାରଙ୍କ ଭଳି ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ସରକାରୀ ଅଧିକାରୀ ତଥା ସ୍ଥାନୀୟ ନେତା ବେଦାନ୍ତର ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟ ଏବଂ ଉଦ୍ୟମକୁ ପ୍ରଶଂସା କରିଥିଲେ। ଗର୍ଭାଶୟ କର୍କଟ ସଚେତନତା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରିଥାଏ। ବିଶେଷ କରି ଭାରତ ପରି ସ୍ୱଳ୍ପ ଏବଂ ମଧ୍ୟବିତ ଦେଶରେ ଏହା ବାର୍ଷିକ ହଜାର ହଜାର ମହିଳାଙ୍କୁ ପ୍ରଭାବିତ କରିଥାଏ। ଏହାର ମୁକାବିଲା ପାଇଁ, ଆଇଓଓର ସିଏସଆର ଦଳ ସ୍ଥାନୀୟ ବିଦ୍ୟାଳୟରେ ଏକାଧିକ ସଚେତନତା ଅଧିବେଶନ କରିଥିଲେ, ଯେଉଁଠାରେ ୬ଷ୍ଠ ରୁ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବେଦାନ୍ତ ଏମଏଚୟୁ ଡାକ୍ତର ଡ. ଅଶୁତୋଷ ମାଝୀଙ୍କ ନେତୃତ୍ୱରେ କର୍ମଚାରୀ ସ୍ୱେଚ୍ଛାସେବୀ ଏହି ଅଧିବେଶନରେ ସମୟ ପୂର୍ବରୁ ଚିହ୍ନଟ, ଟୀକାକରଣ ଏବଂ ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆଇସିସି ଜାରି କଲା ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ ସୂଚୀ

# ଫେବୃଆରୀ ୨୩ରେ ପାକିସ୍ତାନ-ଭାରତ ମ୍ୟାଚ୍



ଦୁବାଇ, ୨୪।୧୨ (ଏଜେନ୍ସି): ଶେଷରେ ଆଇସିସି ଆଜି ହାଇବ୍ରିଡ ମଡେଲରେ ଖେଳାଯିବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ୨୦୨୫ର ମ୍ୟାଚ ସୂଚୀ ବା ଭେନ୍ୟୁ ଘୋଷଣା କରିଛି। ପାକିସ୍ତାନ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରୁଥିଲେ ହେଁ ଭାରତ ସେଠାକୁ ଯିବ ନାହିଁ। ଭାରତର ମ୍ୟାଚ୍‌ଗୁଡ଼ିକ ଦୁବାଇରେ ଖେଳାଯିବ। ପାକିସ୍ତାନ ହାଇବ୍ରିଡ ମଡେଲରେ ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରିବାକୁ ରାଜି ହୋଇଛି। ତେଣୁ ପାକିସ୍ତାନ ସହ ୟୁଏଇ ମଧ୍ୟ ଆୟୋଜନ ଅଧିକାର ପାଇଛି ବୋଲି ଆଇସିସି କହିଛି।

ଆଇସିସିର ଘୋଷଣା ଅନୁଯାୟୀ, ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମ୍ୟାଚ୍ ଦୁବାଇରେ ଖେଳାଯିବ ଭାରତ ଓ ପାକିସ୍ତାନ ଫେବୃଆରୀ ୨୩ରେ ଦୁବାଇରେ ମ୍ୟାଚ୍ ଖେଳିବେ। ଯଦି ଭାରତ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ପହଞ୍ଚୁଛି, ତାହେଲେ ଉକ୍ତ ମ୍ୟାଚ୍‌ଟି ଦୁବାଇରେ ହିଁ ଖେଳାଯିବ। ଭାରତ ଫାଇନାଲକୁ ଯାଇ ନ ପାରିଲେ ଉକ୍ତ ମ୍ୟାଚ୍ ପାକିସ୍ତାନରେ ଖେଳାଯିବ।

ପାକିସ୍ତାନ ବନାମ ନ୍ୟୁଜିଲ୍ୟାଣ୍ଡ ଲଢ଼େଇରୁ ଦିନିକିଆ ଫର୍ମାଟରେ ଖେଳା ଯାଉଥିବା ଚାମ୍ପିୟନ୍ସ ଟ୍ରଫି କରାଚିରୁ ଫେବୃଆରୀ ୧୯ରେ ଆରମ୍ଭ ହେବ ମାର୍ଚ୍ଚ ୯ ଯାଏ ଏହା ଚାଲିବାକୁ ଥିବାବେଳେ ଉଭୟ ସେମିଫାଇନାଲ ଓ ଫାଇନାଲ ପାଇଁ ସଂରକ୍ଷିତ ଦିବସର ବ୍ୟବସ୍ଥା ହୋଇଛି।

ହାଇବ୍ରିଡ ମଡେଲ ଅନୁଯାୟୀ, ପାକିସ୍ତାନ ଓ ୟୁଏଇରେ ଚାମ୍ପିୟନ୍ସ ଟ୍ରଫିର ମ୍ୟାଚ ଗୁଡ଼ିକ ଖେଳାଯିବ ବିସିସିଆଇ, ଆଇସିସି ଓ ପିସିବି ମିଳିତ ଭାବେ ଏପରି ନିଷ୍ପତ୍ତି ନେଇଛନ୍ତି। ପାକିସ୍ତାନ ୧୦ଟି ମ୍ୟାଚ ଆୟୋଜନ କରିବାକୁ ଯାଉଥିବାବେଳେ ଭାରତର ୩ଟି ଯାକ ଲିଗ ପର୍ଯ୍ୟାୟ ମ୍ୟାଚ୍ ଦୁବାଇରେ ଖେଳାଯିବ। ଯଦି ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଯାଉଛି, ତାହେଲେ ଗୋଟିଏ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ମଧ୍ୟ ଦୁବାଇରେ ଅନୁଷ୍ଠିତ ହେବ।

ଯଦି ଭାରତ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଉଛି, ତାହେଲେ ଦୁଇଟି ଯାକ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ପାକିସ୍ତାନର ଲାହୋର ଓ ରାୱଲପିଣ୍ଡିରେ ଖେଳାଯିବ।

### ଚାମ୍ପିୟନ୍ସ ଟ୍ରଫି ଗ୍ରୁପ

ଗ୍ରୁପ ଏ- ବାଂଲାଦେଶ, ଭାରତ, ନ୍ୟୁଜିଲ୍ୟାଣ୍ଡ ଓ ପାକିସ୍ତାନ
ଗ୍ରୁପ ବି- ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା

### ଚାମ୍ପିୟନ୍ସ ଟ୍ରଫିର କାର୍ଯ୍ୟସୂଚୀ

ଫେବୃଆରୀ ୧୯- ପାକିସ୍ତାନ ବନାମ ନ୍ୟୁଜିଲ୍ୟାଣ୍ଡ(କରାଚି)
ଫେବୃଆରୀ ୨୦- ବାଂଲାଦେଶ ବନାମ ଭାରତ (ଦୁବାଇ)
ଫେବୃଆରୀ ୨୧- ଆଫଗାନିସ୍ତାନ ବନାମ ଦ.ଆଫ୍ରିକା (କରାଚି)
ଫେବୃଆରୀ ୨୨- ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ (ଲାହୋର)
ଫେବୃଆରୀ ୨୩- ପାକିସ୍ତାନ ବନାମ ଭାରତ(ଦୁବାଇ)
ଫେବୃଆରୀ ୨୪- ବାଂଲାଦେଶ ବନାମ ନ୍ୟୁଜିଲ୍ୟାଣ୍ଡ(ରାୱଲପିଣ୍ଡି)
ଫେବୃଆରୀ ୨୫- ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା( ରାୱଲପିଣ୍ଡି)
ଫେବୃଆରୀ ୨୬- ଆଫଗାନିସ୍ତାନ ବନାମ ଇଂଲଣ୍ଡ (ଲାହୋର)
ଫେବୃଆରୀ ୨୭- ପାକିସ୍ତାନ ବନାମ ବାଂଲାଦେଶ ( ରାୱଲପିଣ୍ଡି)
ଫେବୃଆରୀ ୨୮- ଆଫଗାନିସ୍ତାନ ବନାମ ଅଷ୍ଟ୍ରେଲିଆ (ଲାହୋର)
ମାର୍ଚ୍ଚ ୧- ଦକ୍ଷିଣ ଆଫ୍ରିକା ବନାମ ଇଂଲଣ୍ଡ(କରାଚି)
ମାର୍ଚ୍ଚ ୨ ନ୍ୟୁଜିଲ୍ୟାଣ୍ଡ ବନାମ ଭାରତ (ଦୁବାଇ)
ମାର୍ଚ୍ଚ ୪ ପ୍ରଥମ ସେମି ଫାଇନାଲ (ଦୁବାଇ/ଯଦି ଭାରତ ଯୋଗ୍ୟତା ଅର୍ଜନ କରିବ)
ମାର୍ଚ୍ଚ ୫ ଦ୍ୱିତୀୟ ସେମି ଫାଇନାଲ(ଲାହୋର)
ମାର୍ଚ୍ଚ ୯ ମେଗା ଫାଇନାଲ(ଲାହୋର/ଯଦି ଭାରତ ଯୋଗ୍ୟତା ଅର୍ଜନ ନ କରିବ)

## ଆଗକୁ ବଢିବାରେ ବିଶ୍ୱାସ କରେ : ଅଶ୍ୱିନ



ନୂଆଦିଲ୍ଲୀ, ୨୪।୧୨ : ଭାରତୀୟ କିମ୍ବଦନ୍ତି ଅଫ୍‌ସ୍ପିନର୍ ତଥା ଉପଯୋଗୀ ଅଲରାଉଣ୍ଡର୍ ରବିଚନ୍ଦ୍ରନ ଅଶ୍ୱିନ ଗତ ବୁଧବାର ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆ। ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ୍ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହେବା ପରେ ପରେ ଅଶ୍ୱିନ ଅଚାନକ ଏଭଳି ନିଷ୍ପତ୍ତି ବିଷୟରେ ସୂଚନା ଦେଇଥିଲେ। ହଠାତ ସେ କାହିଁକି ଏଭଳି ନିଷ୍ପତ୍ତି ନେଲେ, ତାର କାରଣ ସେ ଜଣାଇନଥିବା ବେଳେ ଏବେ ଏକ ସାକ୍ଷାତକାରରେ ସେ ଅବସର ନେବା ପଛର କାରଣ ଜଣାଇଛନ୍ତି।ସ୍କାଏ ସ୍ପୋର୍ଟସରେ ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଏଥରଟନ୍ ଏବଂ ନାସିର ହୁସେନଙ୍କୁ ସାକ୍ଷାତକାର ଦେଇ ଅଶ୍ୱିନ କହିଛନ୍ତି ଯେ, ମୁଁ କଦାପି ଏପରି ବ୍ୟକ୍ତି ନୁହେଁ, ଯିଏ ପ୍ରତ୍ୟେକ ଜିନିଷକୁ ଧରି ରଖିବାକୁ ଚାହେ। ମୁଁ ଜୀବନରେ କେବେ ଅନ୍ୟର ସଫଳତା ଦେଖି ଅସୁରକ୍ଷିତ ମନେ କରି ନାହିଁ। ମୁଁ ବିଶ୍ୱାସ କରେ ନାହିଁ ଯେ, ଆଜି ଯାହା ମୋର ଅଛି, କାଲି ବି ତାହା ମୋର ହିଁ ରହିବ। ମୁଁ ସବୁବେଳେ ସବୁ ଜିନିଷକୁ ପଛରେ ଛାଡ଼ି ଆଗକୁ ବଢ଼ିବାରେ ବିଶ୍ୱାସ କରେ। କ୍ରିକେଟ ସବୁବେଳେ ମୋଠୁ ଆଗରେ ରହି ଆସିଛି ଏବଂ ରହିବ ମୁଁ ଆଗରୁ ଜାଣିଥିଲି ଯେ, ଯେଉଁଦିନ ସକାଳୁ ଉଠିବା ପରେ ଅନୁଭବ କରିବି ମୋ ସୃଜନଶୀଳତାର କେଣସି ଭବିଷ୍ୟତ ବା ଦିଗ ନାହିଁ, ସେହି ଦିନ ମୁଁ ଅବସର ନେବି।ଘୋଷଣା ଦିନ ମୋତେ ହଠାତ ଏଭଳି ଅନୁଭବ ହେବାରୁ ମୁଁ ଅବସର ନେବାକୁ ଘୋଷଣା କଲି।




ରାୟଗଡ଼ ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି'

ଆସନ୍ତା ଡିସେମ୍ବର ୨୬ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାୟଗଡ଼ ଜିଲ୍ଲାସ୍ତରୀୟ 'ଚଇତି' ମହୋତ୍ସବ ପଲ୍ଲୀଶ୍ରୀ ମେଳା ଓ ଉନ୍ନୟନ ପ୍ରଦର୍ଶନୀ ରାୟଗଡ଼ ସଦର ମହକୁମା ସ୍ଥିତ ଜିସିଡି ଖେଳ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲାର କଳା, ସଂସ୍କୃତି ଓ ପରମ୍ପରାର ନିଦର୍ଶନ 'ଚଇତି' ମହୋତ୍ସବରେ ବହୁସଂଖ୍ୟାରେ ଯୋଗଦାନ କରି ଏହାକୁ ସାଫଲ୍ୟମଣ୍ଡିତ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରୁଛି।

ଶ୍ରୀମତୀ ପାରୁଲ ପଟାୱରୀ, ଭା.ପ୍ର.ସେ,
ଜିଲ୍ଲାପାଳ, ରାୟଗଡ଼

## ଆହୁରି ମାସେ ଚିକିତ୍ସିତ ହେବେ କାମ୍ବଲି



ନୂଆଦିଲ୍ଲୀ, ୨୪।୧୨ : ବିପଦ କିଛି ମାତ୍ରାରେ ଟଳି ଯାଇଛି। କିନ୍ତୁ ଭାରତୀୟ ଟିମର ପୂର୍ବତନ କ୍ରିକେଟର ବିନୋଦ କାମ୍ବଲି ଏଯାଏ ସୁସ୍ଥ ହୋଇନାହାନ୍ତି। ତାଙ୍କ ଅବସ୍ଥା ଭଲ ନଥିବାରୁ ସେ ଏବେ ହସ୍ପିଟାଲରୁ ଡିସଚାର୍ଜ ହୋଇପାରିବେ ନାହିଁ। ଶନିବାର କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଥାଣେ ସ୍ଥିତ ଆକୃତି ହସ୍ପିଟାଲରେ ଭର୍ତ୍ତିହେବାକୁ ପଡ଼ିଥିଲା ଶନିବାର ଠାରୁ ସେଠାରେ ତାଙ୍କର ଚିକିତ୍ସା ଚାଲିଛି। କିଛି ଦିନର ଚିକିତ୍ସା ପରେ କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଛି। ହେଲେ ସେ ପୂରା ଠିକ ହୋଇନାହାନ୍ତି। କାମ୍ବଲିଙ୍କ ବନ୍ଧୁ ମାର୍କସ ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ବଡ଼ ଅପଡେଟ ଦେଇଛନ୍ତି। କାମ୍ବଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିଲେ ହେଁ ମାର୍କସ ପୂର୍ବତନ କ୍ରିକେଟରଙ୍କୁ ଗୋଟିଏ ମାସ ଯାଏ ହସ୍ପିଟାଲରେ ରହିବାକୁ ପରାମର୍ଶ ଦେଇଛନ୍ତି।

## ବାରବାଟୀ ଏକଦିବସୀୟ ପାଇଁ ପ୍ରସ୍ତୁତି

କଟକ, ୨୪।୧୨ (ମହାଭାରତ): ଆସନ୍ତା ବର୍ଷ ଫେବୃଆରି ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଆନ୍ତର୍ଜାତିକ ମ୍ୟାଚ୍‌କୁ ଦୃଷ୍ଟିରେ ରଖି ରବିବାର ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ଆପେକ୍ସ କାଉନ୍‌ସିଲ ବୈଠକ ଅନୁଷ୍ଠିତ ହୋଇଛି।ଏହି ବୈଠକରେ ସ୍ୱତନ୍ତ୍ର ଭାବେ ଆସନ୍ତା ଅନ୍ତର୍ଜାତୀୟ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ବିଷୟରେ ସ୍ୱତନ୍ତ୍ର ଭାବେ ଆଲୋଚନା କରାଯାଇଥିଲା ମ୍ୟାଚ୍ ପୂର୍ବରୁ ବାରବାଟୀ ଷ୍ଟାଡିୟମ୍‌ର ଆବଶ୍ୟକ ମରାମତି କରାଯିବା ସହ ଷ୍ଟାଡିୟମର ରୂପରେଖ ପରିବର୍ତ୍ତନ କରାଯିବା ବିଷୟରେ ଆଲୋଚନା ହୋଇଥିଲା।

## ପୁରସ୍କାର ଅପେକ୍ଷା ଦେଶ ପାଇଁ ଖେଳିବା ମୁଖ୍ୟ ଲକ୍ଷ୍ୟ : ମନୁ ଭାକର



ନୂଆଦିଲ୍ଲୀ, ୨୪।୧୨ (ମହାଭାରତ): ଅଲିମ୍ପିକ୍ସରେ ଭାରତ ପାଇଁ ଶୁଟିଂରେ ଡବଲ ମେଡାଲ ଜିତି ରେକର୍ଡ କରିଥିବା ମନୁ ଭାକର ଏବେ ଚର୍ଚ୍ଚାରେ। ଦେଶର ସବୁଠାରୁ ବଡ଼ ଖେଳ ସମ୍ମାନ ମେଜର ଧ୍ୟାନ ଚାନ୍ଦ ଖେଳ ରତ୍ନ ନୋମିନୀରୁ ମନୁ ଭାକର ବାଦ ପଡ଼ିବା ପରେ ବିବାଦ ସୃଷ୍ଟି ହୋଇଛି। ମନୁ ଭାକର ଡବଲ ପଦକ ଜିତିଥିଲେ ହେଁ ତାଙ୍କୁ ଖେଳ ରତ୍ନ ମିଳିବା ଦରକାର ବୋଲି ଅନେକ ମତ ରଖିଥିଲେ।

ଖେଳ ରତ୍ନ ନ ମିଳିବାରୁ ମନୁଙ୍କ ବାପା ମଧ୍ୟ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଏସବୁ ବିବାଦ ମଧ୍ୟରେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ମନୁ ଭାକର। ପୁରସ୍କାର ଓ ସମ୍ମାନ ପ୍ରେରଣା ଦେଇଥାଏ ସତ କିନ୍ତୁ ଏହା ତାଙ୍କର ଏକମାତ୍ର ଲକ୍ଷ୍ୟ ନୁହେଁ ବୋଲି ମନୁ ଭାକର ଇନଷ୍ଟାଗ୍ରାମ ପୋଷ୍ଟରେ ସ୍ପଷ୍ଟ କରିଛନ୍ତି।

ସେ କହିଛନ୍ତି, ଜଣେ ଆଥଲେଟ ହିସାବରେ ମୋ ଭୂମିକା ହେଲା ଖେଳିବା ଓ ଦେଶ ପାଇଁ ଭଲ ପ୍ରଦର୍ଶନ କରିବା। ସମ୍ମାନ ଓ ପୁରସ୍କାର ମୋତେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥାଏ। କିନ୍ତୁ ଏହା ମୋର ଏକମାତ୍ର ଲକ୍ଷ୍ୟ ନୁହେଁ। ପୁରସ୍କାର ପାଇଁ ନୋମିନେସନ ଫାଇଲ କରିବା ବେଳେ ସମ୍ଭବତଃ ମୋ ତରଫରୁ କିଛି ତ୍ରୁଟି ରହିଯାଇଥିବ। ଆୱାର୍ଡକୁ ବାଦ ଦେଇ ମୁଁ ସବୁବେଳେ ମୋ ଦେଶ ପାଇଁ ପଦକ ଜିତିବାକୁ ଚେଷ୍ଟା କରି ଚାଲିଛି ଓ ଆଗକୁ ଏହି ଧାରା ଜାରି ରହିବ। ଏହି ପ୍ରସଙ୍ଗରେ କେହି ବି କିଛି ଆକଳନ ନ କରିବା ପାଇଁ ମୁଁ ଅନୁରୋଧ କରୁଛି।

କ୍ରୀଡ଼ା ମନ୍ତ୍ରଣାଳୟର କହିବା କଥା ଯେ ଭାକର ଖେଳ ରତ୍ନ ପୁରସ୍କାର ପାଇଁ ଆବେଦନ କରି ନାହାନ୍ତି। କିନ୍ତୁ ତାଙ୍କ ବାପା ରାମ କ୍ରିଷ୍ଣଙ୍କ କହିବା କଥା ଯେ ମନୁ ଭାକର ନୋମିନେସନ ଦାଖଲ କରିଥିଲେ। କିନ୍ତୁ କୌଣସି ଜବାବ ମିଳି ନଥିଲା। ଏହାକୁ ନେଇ ବିବାଦ ଚାଲିଥିବା ବେଳେ ମନୁ ଭାକର ନିଜ ଖେଳ ଉପରେ ଫୋକସ କରୁଥିବା କହିଛନ୍ତି।

### ୬ଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

# ସେଣ୍ଟ୍ରାଲ ରେଲୱେ ମୁମ୍ବାଇ ଚାମ୍ପିଅନ୍




ଢେଙ୍କାନାଳ, ୨୪।୧୨ (ମହାଭାରତ): : ଢେଙ୍କାନାଳ ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଏବଂ ଓଡିଶା ସରକାରଙ୍କର କ୍ରୀଡା ଓ ଯୁବ ବ୍ୟାପାର ଓ ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ରେ ରାଜ୍ୟରୁ ୪ଟି ଦଳ ଯୋଗଦେଇଥିବାବେଳେ ବିଭିନ୍ନ ରାଜ୍ୟରୁ ୮ଗୋଟି ଦଳ ଅଂଶଗ୍ରହଣ କରିଥିଲେ।। ମୋଟ୍ ୧୨ଟି ଦଳ ମଧ୍ୟରେ ଚାରୋଟି ଗ୍ରୁପ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ସେଣ୍ଟ୍ରାଲ ରେଲୱେ, ମୁମ୍ବାଇ ଫୁଟ୍‌ବଲ୍ ଟିମ୍ ସହିତ କେଏସଇବି ,କେରଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ ସେଣ୍ଟ୍ରାଲ ରେଲୱେ, ମୁମ୍ବାଇ ୩-୧ ଗୋଲ୍‌ରେ ବିଜୟଲାଭ କରି ଚମ୍ପ୍ୟାନ ହୋଇଥିବା ଥିବାବେଳେ ଟ୍ରଫି ସହ ୧ଲକ୍ଷ ଟଙ୍କା ପୁରସ୍କାର ପାଇଥିଲେ। କେଏସଇବି ,କେରଳ ଟିମ୍ ପରାସ୍ତ ହୋଇ ରନରସପ୍ ହୋଇଥିବା ବେଳେ ୬୦ ହଜାର ଟଙ୍କା ସହ ଟ୍ରଫି ଗ୍ରହଣ କରିଥିଲେ। ଆଜିର ଏହି ଫାଇନାଲ ମ୍ୟାଚରେ ଢେଙ୍କାନାଳ ଜିଲ୍ଲାପାଳ ସୋମେଶ କୁମାର ଉପଧ୍ୟାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ , କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା , ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ , ଜିଲ୍ଲା ଅରକ୍ଷୀ ଅଧିକ୍ଷକ ଅଭିନବ ସୋନକର , ବିଶିଷ୍ଟ ଶିଳ୍ପ ପତି ବିଶ୍ୱଜିତ ପଟ୍ଟନାୟକ, ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚୟ ପ୍ରଦାନ କରିଥିଲେ।

ଏହି ଫାନାଲ ମ୍ୟାଚରେ ମ୍ୟନା ଅଫଦି ସିରଜ ଭାବରେ ସେଣ୍ଟ୍ରାଲ ରେଲୱେ, ମୁମ୍ବାଇ ର ଅବଦୁଲ ସୋଫିଆନଙ୍କୁ ଡ଼ ବିଧାନ ମିଶ୍ର ମେମୋରିୟାଲ ଟ୍ରଷ୍ଟ ତରଫରୁ ୫ହଜାର ଟଙ୍କା ସହ ଏକ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ମ୍ୟାନ ଅଫଦ ମ୍ୟାଚ ଭାବରେ କେଏସଇବି ,କେରଳର ବିଘ୍ନେଶ ଙ୍କୁ ୧୦୦୦ ଟଙ୍କା ଓ ଏକ ଟ୍ରଫି ପ୍ରଦାନ କରିଥିଲେ ଇଂ ଅଶୋକ କୁମାର ଦାଶ।

ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ପ୍ରଧାନ ଢେଙ୍କାନାଳ ମୁଖ୍ୟ ଷ୍ଟଡିୟମର ଉନ୍ନତି କରଣ ଓ ଆଗାମି ଦିନରେ ଏଠାରେ ଏହି ଭଳି ଜାତୀୟସ୍ତରୀୟ ମ୍ୟାଚ ହେବା ପାଇଁ ଉଦ୍ୟମ କରାଯିବା ସହ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରି ଷ୍ଟଡିୟମର ଭିତ୍ତିଭୂମିକୁ ସଦୃଢ କରାଯିବ ବୋଲି କହିଥିଲେ। ରାଜ୍ୟ ସରକାର ମଧ୍ୟ କିଛି ଅନୁଦାନ ଷ୍ଟଡିୟମର ନ୍ନତିକରଣ ନିମନ୍ତେ ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ଓଡିଶା ପୋଲିସର ପୂର୍ବତନ ଭଲିବଲ ଖେଳାଳି ଓ କୋଚ ବାବୁଲ ସାହୁ,ଓ ପୁର୍ବତନ ରାଜ୍ୟ ଫୁଟବଲ ଖେଳାଳି ଅଭୟ କୁମାର ରାଉତଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏହି ଖେଳ ଦେଖିବାକୁ ବହୁ ଜନସମାଗମ ହୋଇଥିଲା।




Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ